CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୫ ◆ ଭୁବନେଶ୍ୱର ◆ ସୋମବାର ◆ ଜୁନ୍ ୨୯ରୁ ଜୁଲାଇ ୦୫, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-45 ◆ Bhubaneswar ◆ Monday ◆ June 29 to July 05, 2026 ◆ Page-8 ◆ Price Rs.4.00

## ମନ୍ କି ବାତ୍‌ର ୧୩୫ ତମ ଅଧ୍ୟାୟ

# 'ସମୁଦ୍ରରୁ ଗଗନ ଭାରତ ଆତ୍ମନିର୍ଭର'

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମ ଆଜି ୧୩୫ ତମ ଏପିସୋଡ୍‌ରେ ପହଞ୍ଚିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବକମାନଙ୍କ ପାଇଁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିବା ସହିତ ଦେଶ ଦୁନିଆରେ ଘଟୁଥିବା ସାମ୍ପ୍ରତିକ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ। ଏଥିସହ ସମୁଦ୍ର ଠାରୁ ଗଗନ ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତର ଗାଥା ଶୁଣାଇଛନ୍ତି। ଆତ୍ମନିର୍ଭର ଭାରତର ପରିକଳ୍ପନା ସୁଦୃଢ଼ ହେଉଛି ବୋଲି ମୋଦୀ କହିଛନ୍ତି। ବର୍ଷ ୨୦୨୬ର ଅର୍ଦ୍ଧେକ ଶେଷ ହୋଇଯାଇଛି। ଏତିକି ଦିନ ମଧ୍ୟରେ ସରକାରର ସଫଳ କାର୍ଯ୍ୟକ୍ରମ ଗୁଡିକ ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ଏହା ସହିତ ଦେଶକୁ ଗୌରବାନ୍ୱିତ କରିଥିବା ଘଟଣାବଳୀ ଉପରେ ସେ ନିଜର ଭାବନା ପ୍ରକାଶ କରିଛନ୍ତି ।



ସେ କହିଛନ୍ତି ଯେ ଦେଶ ସୁରକ୍ଷା ଓ ଆତ୍ମନିର୍ଭରତା ଦିଗରେ ସଫଳତା ହାସଲ କରିଛି। ନିକଟରେ କୋଲକାତାରେ ଆୟୋଜିତ ଏକ ନୌବାହିନୀ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ମିଳିଥିଲା। ଯେଉଁଠାରେ ଆଇଏନ୍‌ଏସ୍ ଦୁନାଗିରି, ଆଇଏନ୍‌ଏସ୍ ସଂଶୋଧକ, ଆଇଏନ୍‌ଏସ୍ ଅଗ୍ରେ ଭାରତୀୟ ନୌସେନାରେ ସାମିଲ ହୋଇଥିଲା। ଏହାର ଡିଜାଇନ ଠାରୁ ଆରମ୍ଭ କରି ନିର୍ମାଣ ବିଧି ସବୁକିଛି ସ୍ୱଦେଶୀ ଅଟେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦୀ କହିଛନ୍ତି ଯେ, ଦେଶ ଜୁନ ମାସରେ ଆଭିଏସନ୍ କ୍ଷେତ୍ରରେ ବହୁ ଉନ୍ନତି ଦେଖିଛି । ସି-୨୯୫ ଏୟାରକ୍ରାଫ୍ଟ ମେଡ୍ ଇନ୍ ଇଣ୍ଡିଆ ଅଟେ। ଏହି ବିମାନ ନିଜର ପ୍ରଥମ ଉଡ଼ାଣ ସଫଳତାର ସହିତ ଶେଷ କରିଛି। ଏବଂ ଏଭଳି ୪୦ଟି ବିମାନ ନିର୍ମାଣ ଚାଲୁରହିଛି। ଏହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଓ ଏରୋସ୍ପେସ୍ କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହେଉଛି। ରୋଜଗାର ପନ୍ଥା ବଢୁଛି।

ସେ ଆହୁରି କହିଛନ୍ତି, ଏହି ମାସରେ, ଡିଆରଡିଓ ମଧ୍ୟ ଏକ ସ୍ୱଦେଶୀ 'ଲଙ୍ଗ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ କ୍ଷେପଣାସ୍ତ୍ର'ର ସଫଳ ପରୀକ୍ଷଣ କରିଥିଲା। ଏହାକୁ ଡିଆରଡିଓ ପରୀକ୍ଷାଗାର ଏବଂ ଭାରତୀୟ ଶିଳ୍ପ ଅଂଶୀଦାରମାନଙ୍କ ଦ୍ୱାରା ମିଳିତ ଭାବରେ ବିକଶିତ କରାଯାଇଛି। ଅନ୍ୟ ଶବ୍ଦରେ, ସମୁଦ୍ରରୁ ଆକାଶ ପର୍ଯ୍ୟନ୍ତ, ଭାରତ ଦ୍ରୁତ ଗତିରେ ଅଧିକ ସୁରକ୍ଷିତ ଏବଂ ଆତ୍ମନିର୍ଭରଶୀଳ ହେଉଛି ବୋଲି ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଆମକୁ ବର୍ଷାଜଳର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବାକୁ ପଡ଼ିବ। ଆମେ 'କ୍ୟାଚ୍ ଦି ରେନ୍' ଅଭିଯାନର ଗତିକୁ ଟିକିଏ ବି ଧୀମା ହେବାକୁ ଦେଇପାରିବୁ ନାହିଁ। ସେଥିପାଇଁ ମୁଁ ଆପଣଙ୍କୁ ଏକ ବିଶେଷ ନିବେଦନ କରୁଛି: ଆସନ୍ତୁ ଆମେ ସମସ୍ତେ ଏକାଠି ହୋଇ ପ୍ରତ୍ୟେକ ବୁନ୍ଦା ବର୍ଷାକୁ ସଂରକ୍ଷଣ କରିବା ବୋଲି ମୋଦୀ ଅପିଲ କରିଛନ୍ତି। ସେହିପରି ମୋଦୀ କହିଛନ୍ତି ଯେ ଦେଶରେ ଜୁନ ମାସରେ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଥିଲା। ଯାହାକୁ ସାରା ବିଶ୍ୱରେ ଲୋକ ନିଜ ଜୀବନରେ ସାମିଲ କରିବାକୁ ପ୍ରତିବଦ୍ଧ ହୋଇଥିଲେ। ଚଳିତବର୍ଷ ଦେଶ ଓ ବିଦେଶରେ ୨,୫୦୦ରୁ ଅଧିକ ସ୍ଥାନରେ ଯୋଗ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆମ ଦେଶର କୋଟି କୋଟି ଜନତା ଯୋଗ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ଆଗକୁ ଆସୁଥିବା ଗଣେଶ ପୂଜା ସମ୍ପର୍କରେ ନିଜର ମନ୍ତବ୍ୟ ରଖିଥିଲେ। ସେ କହିଥିଲେ, 'ପୂଜାପାଠ ଶେଷ ହେବା ପରେ ଆମେ ମାଟିମୂର୍ତ୍ତିକୁ ପାଣିରେ ବିସର୍ଜନ କରୁ ଏବଂ ଏହା ପାଣିରେ ମିଶିଯାଇଥାଏ । ଫଳରେ ଆମେ ପ୍ରକୃତି ପ୍ରତି ଆମର ଆସ୍ଥା ଓ କର୍ତ୍ତବ୍ୟ ନିର୍ବାହ କରିଥାଉ। ଆଗାମୀ ଗଣେଶ ପୂଜାରେ ମୂର୍ତ୍ତି ନିକଟସ୍ଥ ସ୍ଥାନୀୟ କାରିଗରଙ୍କଠାରୁ ନିଶ୍ଚିତ କିଣନ୍ତୁ। ଏହା ଦ୍ୱାରା ଆମେ 'ଭୋକାଲ ଫର୍ ଲୋକାଲ୍' ହୋଇପାରିବା ଓ ନିଜର ଦାୟିତ୍ୱ ନିର୍ବାହ କରିପାରିବା। ଏହା ସହିତ ମୂର୍ତ୍ତି ମାଟିରୁ ତିଆରି ହୋଇଥିବା ଆବଶ୍ୟକ। ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ନିର୍ମିତ ମୂର୍ତ୍ତି କିଣିବାରୁ ବର୍ତ୍ତନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଦୁଇଟି ବିମାନ ଦୁର୍ଘଟଣାରେ ୨୫ ମୃତ

ପ୍ୟାରିସ୍,ଜେଦ୍ଦା,(ଏଜେନ୍ସି): ଦୁଇଟି ବିମାନ ଦୁର୍ଘଟଣାରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି। ଫ୍ରାନ୍ସରେ ଏକ ପାରାଶୁଟିଷ୍ଟ୍ (ସ୍କାଇଡାଇଭିଂ) ସ୍କୁଲ୍‌ର ବିମାନ କ୍ରାସ୍ ହେବା ଫଳରେ ୫ ଛାତ୍ର, ୫ ଟ୍ରେନର୍ ଏବଂ ପାଇଲଟ୍‌ଙ୍କ ସମେତ ୧୧ ଜଣ ପ୍ରାଣ ହରାଇଛନ୍ତି। ସେହିପରି ସାଉଦୀ ଆରବରେ ଅରାମୋକ୍ କମ୍ପାନୀର ଏକ ହେଲିକପ୍ଟର୍ ଦୁର୍ଘଟଣାଗ୍ରସ୍ତ ହୋଇ ୧୪ ଜଣ ସାଉଦୀ ନାଗରିକଙ୍କ ମୃତ୍ୟୁ ଘଟିଛି।



ସୂଚନା ଅନୁସାରେ ପୂର୍ବ ଫ୍ରାନ୍ସର ଟାମ୍ବଲାଇନ୍‌ରେ ସ୍କାଇଡାଇଭିଂ ସ୍କୁଲ୍‌ର ବେସାମରିକ ବିମାନଟି ରବିବାର ସକାଳେ ନାନ୍ସି-ଏରୋଡ୍ରମ୍‌ରୁ ଟେକ୍‌ଅଫ୍ କରିବା ପରେ ପ୍ରାୟ ୧୧ଟା ବେଳେ ନାନ୍ସି ସହର ନିକଟରେ ଦୁର୍ଘଟଣାଗସ୍ତ ହୋଇଥିଲା। ଆଧିକାରିକ ସୂଚନା ଅନୁସାରେ ବିମାନରେ କିଛି ବୈଷୟିକ ସମସ୍ୟା ଦେଖାଦେବା ପରେ ବିମାନଟି ସିଧା ତଳକୁ ଖସି ରନ୍‌ୱେ ନିକଟ ଘାସ ଥିବା ଏକ ଅଞ୍ଚଳରେ ପଡ଼ିଯାଇଥିଲା। ଦୁର୍ଘଟଣାସ୍ଥଳର ନିକଟରେ ଏକ ଶପିଙ୍ଗ୍ ସେଣ୍ଟର୍ ଏବଂ ଜନବସତି ଥିଲା। ସୌଭାଗ୍ୟକ୍ରମେ ଏକ ବଡ଼ ବିପଦ ଟଳିଯାଇଛି। ଦୁର୍ଘଟଣା ଖବର ପାଇବା ମାତ୍ରେ ହିଁ ଏମର୍ଜେନ୍ସି ସର୍ଭିସ୍ ଏବଂ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଧିକାରୀ ଦୁର୍ଘଟଣାର କାରଣ ଯାଞ୍ଚ୍ କରୁଥିବା ବେଳେ ଫ୍ରାନ୍ସ ଗୃହ ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ସେହିପରି ସାଉଦୀ ଆରବର ରାସ ତନୁରାରେ ରବିବାର ବିଶ୍ୱର ସବୁଠୁ ବଡ଼ ତୈଳ କମ୍ପାନୀ ଅରାମକୋର ଏକ ହେଲିକପ୍ଟର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ହେଲିକପ୍ଟର୍‌ରେ ଥିବା ସମସ୍ତ ୧୪ ଜଣ ଲୋକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ସାଉଦୀ ପ୍ରେସ୍ ଏଜେନ୍ସି (ଏସ୍‌ପିଏ) ଅନୁସାରେ ହେଲିକପ୍ଟର୍‌ରେ ଥିବା ସମସ୍ତ ଲୋକ ସାଉଦୀ ଆରବ ନାଗରିକ। ତେବେ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଅଧିକାରୀମାନେ ଘଟଣାର ଯାଞ୍ଚ୍ କରୁଛନ୍ତି।

# ମୋଦୀଙ୍କୁ ସେସେଲ୍ସର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ,(ଏଜେନ୍ସି): ସେସେଲ୍ସରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନିତ କରାଯାଇଛି। ସେସେଲ୍ସର ସର୍ବୋଚ୍ଚ ସମ୍ମାନ 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍'ରେ ତାଙ୍କୁ ସମ୍ମାନିତ କରାଯାଇଛି। ପରିବେଶ ସୁରକ୍ଷା ଏବଂ ନିରନ୍ତର ବିକାଶରେ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ସ୍ଥାୟୀ ଅଭିବୃଦ୍ଧି ଏବଂ ସ୍ୱଚ୍ଛ ପରିବେଶ ପ୍ରତି ମୋଦିଙ୍କ ଦୀର୍ଘକାଳୀନ ପ୍ରୟାସକୁ ସ୍ୱୀକୃତି ଦେଉଛି। ମୋଦୀଙ୍କ ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭାରତ ମହାସାଗରରେ ସାମୁଦ୍ରିକ ସୁରକ୍ଷା ଏବଂ 'ମହାସାଗର' ଭିଜନକୁ ଆଗକୁ ବଢ଼ାଇବା ପାଇଁ ଉଭୟ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ପ୍ରତିରକ୍ଷା ଏବଂ ବିକାଶମୂଳକ କାର୍ଯ୍ୟରେ ଦୁଇ ଦେଶ ପରସ୍ପରର ଘନିଷ୍ଠ ସହଯୋଗୀ। ୧୯୭୬ ମସିହାରେ ସେସେଲ୍ସର ସ୍ୱାଧୀନତା ପରଠାରୁ ଭାରତ ଏବଂ ସେସେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କ ରହିଆସିଛି। ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ' ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସେସେଲ୍ସର ଜନସାଧାରଣ, ସରକାର ଓ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କୁ ଏହି ସମ୍ମାନ ପାଇଁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱକୁ ଅଧିକ ସବୁଜ ସୁନ୍ଦର କରିବା ପାଇଁ ଭାରତର 'ଲାଇଫ୍ ମିଶନ', ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ବିଶ୍ୱସ୍ତରୀୟ ପ୍ରୟାସ ଏହି ଦିଗରେ କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ପରମ୍ପରା ରକ୍ଷା: ତିରୁପତିରେ ଅନନ୍ତ ଅମ୍ବାନୀ

ତିରୁମାଲା,(ଏଜେନ୍ସି): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ରବିବାର ତିରୁମାଲାସ୍ଥିତ ଶ୍ରୀ ଭେଙ୍କଟେଶ୍ୱରଙ୍କ ପବିତ୍ର ପୀଠରେ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଛନ୍ତି। ଶ୍ରୀ ଅମ୍ବାନୀ ରାତି ପ୍ରାୟ ୧ଟାରେ ତିରୁମାଲାରେ ପହଞ୍ଚି ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀଙ୍କ ନିକଟରେ ଆତ୍ମସମର୍ପଣ ଓ ଭକ୍ତିର ପ୍ରତୀକ ସ୍ୱରୂପ ଶତାବ୍ଦୀ ପୁରୁଣା ପରମ୍ପରା ଅନୁଯାୟୀ ନିଜର କେଶଦାନ କରିଥିଲେ। ଏହା ପରେ ଭୋର ପ୍ରାୟ ୩:୩୦ ମିନିଟ୍‌ରେ ସେ ପ୍ରଭୁଙ୍କ ଜାଗରଣର ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ପବିତ୍ର 'ସୁପ୍ରଭାତ ସେବା'ରେ ଅଂଶଗ୍ରହଣ କରିଥିଲେ। ଦର୍ଶନ ସରିବା ପରେ ମନ୍ଦିରର ପୂଜକମାନେ ତାଙ୍କୁ ବୈଦିକ ମନ୍ତ୍ରୋଚାରଣ ସହ ଆଶୀର୍ବାଦ ପ୍ରଦାନ କରିଥିବା ବେଳେ ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ମନ୍ଦିରର ସ୍ମୃତି ଚିହ୍ନ ଏବଂ ପ୍ରସାଦ ଭେଟି ଦେଇଥିଲେ।

# ଆସୁଛି ଆଷାଢ଼, ବର୍ଷା ଗାଏବ୍

ଭୁବନେଶ୍ୱର,(ଜା.ପ୍ର): ଆଷାଢ଼ ଆରମ୍ଭ ହେବାକୁ ଯାଉଛି। ହେଲେ ଏ ପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ସାରା ରାଜ୍ୟକୁ ମୌସୁମୀ ବାୟୁ ଛୁଇଁଥିଲେ ହେଁ ପର୍ଯ୍ୟାପ୍ତ ପରିମାଣର ବର୍ଷା କରିପାରିନାହିଁ। ଆଉ ତାର ସିଧାସଳଖ ପ୍ରଭାବ ପଡ଼ିଛି ଚାଷୀଙ୍କ ଉପରେ। ପର୍ଯ୍ୟାପ୍ତ ବର୍ଷା ନହେବାରୁ ଚାଷ କାମ ଆରମ୍ଭ କରିପାରିନାହାନ୍ତି। ଯଦି ଆଗକୁ ଠିକଠାକ୍ ବର୍ଷା ନ ହୁଏ ଚାଷ କାର୍ଯ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ ସୃଷ୍ଟି ହୋଇ ରାଜ୍ୟରେ ଭଲ ବର୍ଷିବ ବୋଲି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ।

ଜୁନ୍ ସରି ଜୁଲାଇ ଆରମ୍ଭ ହେବାକୁ ଯାଉଛି, ହେଲେ ଏବେ ବି ଚାଷ ଜମିଗୁଡିକ ସେମିତି ପଡ଼ିଆ ପଡ଼ିଛି। ପର୍ଯ୍ୟାପ୍ତ ବର୍ଷା ଅଭାବରୁ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏ ଯାଏ ଆରମ୍ଭ ହୋଇ ପାରିନି ଚାଷ କାମ। ବାଲେଶ୍ୱରରୁ ବରଗଡ଼, ସମ୍ବଲପୁରରୁ କୋରାପୁଟ ସବୁଠି ସମାନ ଅବସ୍ଥା।

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୨୩ ସୁଦ୍ଧା ସାରା ରାଜ୍ୟକୁ ଛୁଇଁ ସାରିଥିଲେ ବି ଅଧିକାଂଶ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇ ନାହିଁ। ପାଣିପାଗ ବିଜ୍ଞାନ ବିଭାଗର ତଥ୍ୟ ଅନୁସାରେ, ଜୁନ୍‌ରେ ଓଡ଼ିଶାରେ ୧୯୨.୩ ମିଲିମିଟର ବର୍ଷା ହେବା କଥା। ହେଲେ ଜୁନ ୧ରୁ ୨୭ ତାରିଖ ମଧ୍ୟରେ ମାତ୍ର ୯୧.୪ ମିଲିମିଟର ବର୍ଷା ହୋଇଛି। ବିଶେଷଜ୍ଞ କହିଛନ୍ତି, କମ୍ ବର୍ଷା ହେବା ପଛରେ ଏଲ୍-ନିନୋଠାରୁ ଅଧିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ଶୁଭ ଖବର ଆଣିଛନ୍ତି ପାଣିପାଗ ବିଜ୍ଞାନୀ ଶରତ ସାହୁ। ସେ କହିଛନ୍ତି, କିଛି ଦିନ ହେବ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇପାରୁ ନଥିଲା। ହେଲେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ ଆସିଛି। ତାଙ୍କ ଆକଳନ ଅନୁସାରେ ଆସନ୍ତା ୩୦ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି।

ଜାତୀୟ ଚେତନା
JATIYA CHETANA



### ‘ଅପରେସନ୍ ସିନ୍ଦୂର’: ପ୍ରଥମ ଥର ୬ ସହିଦଙ୍କ ନାମ ସାର୍ବଜନୀନ

# ଜାତୀୟ ଯୁଦ୍ଧ ସ୍ମାରକୀରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ କରାଯିବ

ନୂଆଦିଲ୍ଲୀ,(ଏଜେନ୍ସି): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ତଥା ୨୬ ନୀରିହଙ୍କୁ ହତ୍ୟା କରାଯିବା ଘଟଣାର ଜବାବରେ ଭାରତୀୟ ସେନା ପାକିସ୍ତାନୀ ଆତଙ୍କବାଦୀଙ୍କ ବିରୋଧରେ ଏକ ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ କରିଥିଲା। ଗତ ବର୍ଷ ମେ’ ମାସ ୭ ତାରିଖରେ ପାକିସ୍ତାନ ବିପକ୍ଷରେ ଭାରତର ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ ‘ଅପରେସନ୍ ସିନ୍ଦୂର’ର ନାମ ଦିଆଯାଇଥିଲା। ତେବେ ଏହି ଅପରେସନ୍ ସମୟରେ କର୍ତ୍ତବ୍ୟରତ ଅବସ୍ଥାରେ ସହିଦ୍ ହୋଇଥିବା ୬ ଭାରତୀୟ ଯବାନ୍ଙ୍କ ମଧ୍ୟରେ ଭାରତୀୟ ସ୍ଥଳସେନାର ପାଞ୍ଚ ଏବଂ ବାୟୁସେନାର ଜଣେ କର୍ମଚାରୀ ସାମିଲ ଅଛନ୍ତି। ଅପରେସନ୍ ସିନ୍ଦୂର’ ଘଟଣାରେ ସହିଦ୍ ଏହି ୬ ବୀର ଯବାନ୍ଙ୍କ ସମ୍ପର୍କିତ ସୂଚନାକୁ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ସାର୍ବଜନୀନ କରିଛନ୍ତି।

କେନ୍ଦ୍ର ସରକାରଙ୍କ ଅନୁଯାୟୀ ଏହି ବୀର ସହିଦ୍ ଯବାନ୍ଙ୍କ ନାମ ନୂଆଦିଲ୍ଲୀ ଠାରେ ଥିବା ‘ନ୍ୟାସନାଲ ୱାର୍ ମେମୋରିଆଲ୍ ବା ଜାତୀୟ ଯୁଦ୍ଧ ସ୍ମାରକୀରେ ଖୋଦିତ କରାଯିବ। ଜାତୀୟ ଯୁଦ୍ଧ ସ୍ମାରକୀରେ ଥିବା ‘ତ୍ୟାଗ ଚକ୍ର’ ଦେଶର ବୀର ସନ୍ତାନମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ। ଏଥିରେ ୧୬ଟି ଗୋଲାକାର ଗ୍ରାନାଇଟ୍ କାନ୍ଥ ରହିଛି; ସ୍ୱାଧୀନତା ପରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ପ୍ରତ୍ୟେକ ସୈନ୍ୟଙ୍କ ନାମ, ପଦବୀ ଏବଂ ୟୁନିଟ୍ ଏହି କାନ୍ଥର ଇଟାଗୁଡ଼ିକରେ ଖୋଦିତ ହୋଇଛି। ଏବେ ଅପରେସନ୍ ସିନ୍ଦୂରର ଏହି ୬ ଜଣ ବୀର ମଧ୍ୟ ଏହି ସ୍ମାରକୀର ଏକ ସ୍ଥାୟୀ ଅଂଶ ହେବେ। ସହିଦ୍ଙ୍କ ମଧ୍ୟରେ ସୁବେଦାର ମେଜର ପବନ କୁମାର, ରାଇଫଲମ୍ୟାନ୍ ସୁନୀଲ କୁମାର, ଲାନ୍ସ ନାଏକ ଦିନେଶ କୁମାର, ଅଗ୍ନିବୀର ମୁରଲୀ ନାଏକ, ହାଭିଲଦାର ସୁନୀଲ କୁମାର ସିଂ ଏବଂ ଭାରତୀୟ ବାୟୁସେନାର ସର୍ଜେଣ୍ଟ ସୁରେନ୍ଦ୍ର କୁମାର ସାମିଲ ଥିବା ଆଜି ସୂଚନା ଦିଆଯାଇଛି। ୨୦୨୫ ମସିହାରେ ବିଭିନ୍ନ ସାମରିକ ଅପରେସନ୍ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଥିବା ସମସ୍ତ ସୈନ୍ୟଙ୍କ ତାଲିକା ସହିତ ‘ଅପରେସନ୍ ସିନ୍ଦୂର’ର ଏହି ବୀରମାନଙ୍କ ନାମ ମଧ୍ୟ ପ୍ରକାଶ କରାଯାଇଛି। ଏହି ୬ ସହିଦଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ପୂର୍ବରୁ ବୀରତା ସମ୍ମାନ ମିଳିସାରିଛି। ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ମରଣୋପରାନ୍ତ ‘ବୀର ଚକ୍ର’ ପ୍ରଦାନ କରାଯାଇଥିବା ବେଳେ, ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ତାଙ୍କ ସାହସିକତା ପାଇଁ ମରଣୋପରାନ୍ତ ‘ବାୟୁ ସେନା ମେଡାଲ’ ମିଳିଥିଲା।

‘ଅପରେସନ୍ ସିନ୍ଦୂର’ ଅଧୀନରେ ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଇବା ସହ ଜଡ଼ିତ ୯ଟି ଆତଙ୍କବାଦୀ ଶିବିର ଉପରେ ସଠିକ୍ ଓ ଜୋରଦାର ଆକ୍ରମଣ କରିଥିଲେ। ଭାରତ ସରକାର ଦାବି କରିଆସୁଛନ୍ତି ଯେ, ଏହି ଆକ୍ରମଣରେ ୧୦୦ ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ଏହାପରେ, ୧୦ ମେ’ରେ ଭାରତ ଏବଂ ପାକିସ୍ତାନର ସାମରିକ ଅପରେସନ୍ ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ହେବା ପରେ ଦୁଇ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତି ପ୍ରକାଶ କରିଥିଲେ। ଭାରତୀୟ ସେନା ପାକିସ୍ତାନରେ କରିଥିବା ଧ୍ୱଂସଲୀଳାର ଅନେକ ଫଟୋ ସମୟେ ସମୟେ ଜାରି କରି ବାସ୍ତବିକତାର ପ୍ରମାଣ ଦେଇସାରିଥିବା ବେଳେ ପାକିସ୍ତାନ ପଟୁ ଆଜି ପର୍ଯ୍ୟନ୍ତ ଭାରତରେ କ୍ଷତି ଘଟାଇଥିବାର ଗୋଟିଏ ବି ପ୍ରମାଣ ଦିଆଯାଇନାହିଁ।

# ଶାନ୍ତି ଚୁକ୍ତି ବିପଦରେ, ବିଶ୍ୱ ସମୁଦାୟ ଚିନ୍ତାରେ

ତେହରାନ୍,ୱାଶିଂଟନ,(ଏଜେନ୍ସି): ଉଭୟ ଦେଶ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ନେଇ ଦାବି କରାଯାଉଥିବା ସତ୍ତ୍ୱେ ଆକ୍ରମଣ ପ୍ରତିଆକ୍ରମଣ ଦେଖିବାକୁ ମିଳୁଛି, ଯାହାକି ଦୁଇ ଦେଶ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ଆମେରିକା ବିଳମ୍ବିତ ରାତିରେ ଇରାନ ଉପରେ ପ୍ରାୟ ଏକ ଘଣ୍ଟା ଧରି ଆକ୍ରମଣ କରିଛି। ଆମେରିକୀୟ ସେନା ଇରାନ୍‌ର ମିସାଇଲ୍-ଡ୍ରୋନ୍ ଘାଟି ଏବଂ ଉପକୂଳ ରଡ଼ାର୍ ସାଇଟ୍‌ଗୁଡ଼ିକୁ ଟାର୍ଗେଟ୍ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ ସିଜ୍‌ଫାୟାର୍ (ଯୁଦ୍ଧବିରତି) ଭାଙ୍ଗିଛି, ସେଥିପାଇଁ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆମେରିକୀୟ ସେଣ୍ଟ୍ରାଲ୍ କମାଣ୍ଡ୍ (ସେଣ୍ଟକମ୍) ଅନୁଯାୟୀ, ୨୫ ଜୁନ୍‌ରେ ଇରାନ ହର୍ମୁଜ୍ ଷ୍ଟ୍ରେଟ୍‌ରେ ସିଙ୍ଗାପୁରର କାର୍ଗୋ ଜାହାଜ ‘ଏମଭି ଏଭର୍ ଲଭଲି’ ଉପରେ ଡ୍ରୋନ୍ ଆକ୍ରମଣ କରିଥିଲା। ଏହାର ଜବାବରେ ଇରାନ୍ ଉପରେ ଏହି ଆକ୍ରମଣ କରାଯାଇଛି। ଅନ୍ୟପକ୍ଷେ ଆମେରିକାର ଏହି ବିବୃତ୍ତି ସାମ୍ନାକୁ ଆସିବା ପରେ ପରେ ଇରାନର ସରକାରୀ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ରିଭୋଲ୍ୟୁସନାରୀ ଗାର୍ଡସ (ଆଇଆର୍‌ଜିସି)ର ନୌସେନା ଦାବି କରିଛି ଯେ, ଏହା ଆମେରିକାର ଆକ୍ରମଣର ଦୃଢ଼ ଜବାବ ଦେଇଛି। ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନା ଘାଟିଗୁଡ଼ିକୁ ଆଇଆରଜିସି ଟାର୍ଗେଟ୍ କରିଥିବା ଦୋହରାଇଛି। ଇରାନ ସଂସଦର ସଦସ୍ୟ ଇବ୍ରାହିମ ଅଜିଜି ଏକ୍ସ ରେ ଲେଖିଛନ୍ତି ଯେ ଆମେରିକା ଆଉ ଥରେ ଆଲୋଚନା ମଧ୍ୟରେ ଇରାନ ଉପରେ ଆକ୍ରମଣ କରିଛି। ଆମେରିକା କଦାପି ବିଶ୍ୱାସଯୋଗ୍ୟ ନୁହେଁ। ଯୁଦ୍ଧବିରତିର ଏହି ଉଲ୍ଲଂଘନ ଆମେରିକା ପାଇଁ ପଛକୁ ହଟିବା ଏବଂ ଅନୁତାପ କରିବାର କାରଣ ସାଜିବ। ଏହିକ୍ରମେ ଇରାନ ଦିନକ ପୂର୍ବେ ଅଭିଯୋଗ କରିଛି ଯେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣରେ ସହଯୋଗ କରିଥିବା ନାଟୋ ସଦସ୍ୟ ଦେଶଗୁଡ଼ିକୁ ଦାୟୀ କରାଯିବା ଉଚିତ୍। ଇରାନ୍ ବୈଦେଶିକ ମନ୍ତ୍ରାଳୟ କହିଛି ଯେ ଏହି ଦେଶଗୁଡ଼ିକ ସ୍ପଷ୍ଟ କରିବା ଉଚିତ ଯେ ସେମାନେ ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ କାହିଁକି ସମର୍ଥନ କଲେ। ଏସବୁ ସତ୍ତ୍ୱେ ଆମେରିକା ଏବଂ ଇରାନ ମଧ୍ୟରେ ବୈଷୟିକ (ଟେକ୍ନିକାଲ୍) ସ୍ତରର ଆଲୋଚନା ଶେଷ ହୋଇଥିବା ସୂଚନା ମିଳିଛି। ଦୁଇ ଦେଶ ଚାରିଟି ମିଳିତ କମିଟି ଗଠନ କରିବା ଏବଂ ୬୦ ଦିନ ମଧ୍ୟରେ ଚୂଡ଼ାନ୍ତ ଚୁକ୍ତିର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ସହମତି ପ୍ରକାଶ କରିଛନ୍ତି। ରୁଷ ମଧ୍ୟ କହିଛି ଯେ ଚୂଡ଼ାନ୍ତ ଚୁକ୍ତି ହେବା ପରେ ଏହା ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଏହାକୁ ସମର୍ଥନ କରିବ।

# ମହାରାଷ୍ଟ୍ରରେ ଟିଇଟି ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ସ୍ଥଗିତ ରଖିଲେ ରାଜ୍ୟ ସରକାର

ମୁମ୍ବାଇ,(ଏଜେନ୍ସି): ମହାରାଷ୍ଟ୍ରରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ର ପ୍ରଶ୍ନପତ୍ର ପ୍ରାୟ ୨୪ ଘଣ୍ଟା ପୂର୍ବରୁ ଲିକ୍ ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମହାରାଷ୍ଟ୍ର ଷ୍ଟେଟ୍ ଏକ୍‌ଜାମିନେସନ୍ କାଉନ୍‌ସିଲ୍ (ଏମ୍‌ଏସ୍‌ଇସି) ଏହା ପରେ ପରୀକ୍ଷାକୁ ସ୍ଥଗିତ ରଖିଛି। ପରୀକ୍ଷା ପାଇଁ ଆଉଥରେ ନୂଆ ତାରିଖ ଘୋଷଣା କରାଯିବ ବୋଲି କାଉନ୍‌ସିଲ୍ ଦର୍ଶାଇଛି। ପୁଲିସ୍ ସୂଚନାନୁସାରେ ପ୍ରଶ୍ନପତ୍ର ଲିକ୍ ସମ୍ପର୍କୀତ ଅଭିଯୋଗ ମିଳିବା ପରେ ଥାଣେର ଭିୱଣ୍ଡି ଅଞ୍ଚଳର ଅନେକ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଥାଣେ ଅଞ୍ଚଳରୁ କିଛି ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ଜବତ କରାଯାଇଥିଲା, ଯାହାକୁ ପରେ ପରେ ଏମ୍‌ଏସ୍‌ଇସିର ଅଧିକାରୀମାନେ ଯାଞ୍ଚ କରିଥିଲେ। ତେବେ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଅନେକ ଲୋକଙ୍କୁ ଅଟକ ରଖାଯାଇଛି, ଯଦିଓ ସେମାନଙ୍କ ସଂଖ୍ୟା ସ୍ପଷ୍ଟ କରାଯାଇନାହିଁ।

ମହାରାଷ୍ଟ୍ରରେ ଶିକ୍ଷକ ହେବା ପାଇଁ କିମ୍ବା ଯେଉଁମାନେ ପୂର୍ବରୁ ସରକାରୀ ଶିକ୍ଷକ ଅଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଟିଇଟି ବାଧ୍ୟତାମୂଳକ ଅଟେ। ତେବେ ଏମ୍‌ଏସ୍‌ଇସି ରିପୋର୍ଟ ଅନୁସାରେ ଚଳିତ ଥର ଟିଇଟି ପରୀକ୍ଷା ପାଇଁ ମୋଟ୍ ୪.୨୮ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ସାମିଲ ହେବାର ଥିଲା। ସେହିପରି ବ୍ୟାପକ ବ୍ୟବସ୍ଥା ସହ ୧,୭୨୯ କେନ୍ଦ୍ରରେ ପରୀକ୍ଷା କରିବା ନେଇ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇସାରିଥିଲା। ଏହି ପରୀକ୍ଷାକେନ୍ଦ୍ରଗୁଡ଼ିକରେ ପ୍ରାୟ ୧୮,୦୦୦ ଏଆଇ ଆଧାରିତ ସିସିଟିଭି କ୍ୟାମେରା ଲଗାଯାଇଥିଲା। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ଉପରେ ରାଜ୍ୟ ଏବଂ ଜିଲ୍ଲା କଣ୍ଟ୍ରୋଲ୍ ରୁମ୍‌ରୁ ନଜର ରଖାଯିବାର ବ୍ୟବସ୍ଥା କରାଯାଇଥିଲା। ଏପରିକି ମେଟାଲ୍ ଡିଟେକ୍ଟର ଦ୍ୱାରା ଯାଞ୍ଚ ସାଙ୍ଗକୁ ପରୀକ୍ଷାର୍ଥୀମାନଙ୍କ ପାଇଁ ବାୟୋମେଟ୍ରିକ୍ ଏବଂ ଫେସ୍ ରିକଗ୍ନିସନ୍ (ଚେହେରା ଚିହ୍ନଟ) ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ସ୍ପଷ୍ଟ ହୋଇଛି।

୨ ସେପ୍ଟେମ୍ବର ୨୦୨୫ରେ ଏକ ମାମଲା ଉପରେ ଶୁଣାଣି କରିବା ପରିପ୍ରେକ୍ଷୀରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି ଯେ ଶିକ୍ଷକମାନଙ୍କୁ ଟିଇଟି ପାସ୍ କରିବା ବାଧ୍ୟତାମୂଳକ। ଶିକ୍ଷକମାନଙ୍କୁ ଚାକିରିରେ ରହିବା ପାଇଁ କିମ୍ବା ପଦୋନ୍ନତି (ପ୍ରମୋସନ) ପାଇଁ ଟିଇଟି (ଶିକ୍ଷକ ଯୋଗ୍ୟତା ପରୀକ୍ଷା) ପାସ୍ କରିବା ଜରୁରୀ। ଜଷ୍ଟିସ ଦୀପାଙ୍କର ଦତ୍ତ ଏବଂ ଜଷ୍ଟିସ ମନମୋହନଙ୍କ ବେଞ୍ଚ କହିଥିଲେ ଯେ ଯେଉଁ ଶିକ୍ଷକମାନଙ୍କର ଚାକିରି ୫ ବର୍ଷରୁ ଅଧିକ ବାକି ଅଛି, ସେମାନେ ସମସ୍ତେ ଏହି ନିୟମର ପରିସରଭୁକ୍ତ ହେବେ। ଏହିକ୍ରମେ ସୁପ୍ରିମକୋର୍ଟ ଟିଇଟି ପାସ୍ କରିବାର ସମୟ ସୀମା ୩୧ ଅଗଷ୍ଟ ୨୦୨୭ ରୁ ବଢ଼ାଇ ୩୧ ଅଗଷ୍ଟ ୨୦୨୮ କରିଦେଇଛନ୍ତି। ଟିଇଟି ପାସ୍ ନ କରିଥିବା ଲୋକଙ୍କୁ ହୁଏତ ଇସ୍ତଫା ଦେବାକୁ ପଡ଼ିବ ନଚେତ୍ ବାଧ୍ୟତାମୂଳକ ଅବସର ନେବାକୁ ହେବ। କୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅଧୀନରେ ନିଜର ବିଶେଷ ଅଧିକାର ପ୍ରୟୋଗ କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଦେଶରେ ୧୦ଟି ବଡ଼ ପେପର ଲିକ୍ ମାମଲା ସାମ୍ନାକୁ ଆସିଛି। ଏଥିମଧ୍ୟରେ ରାଜସ୍ଥାନର ରିଟ୍, ୟୁପି ପୁଲିସ୍ କନଷ୍ଟେବଲ ନିଯୁକ୍ତି ପରୀକ୍ଷା ଏବଂ ନିକଟରେ ମେ ୨୦୨୬ରେ ହୋଇଥିବା ନିଟ୍ ୟୁଜି ଭଳି ବଡ଼ ବଡ଼ ପରୀକ୍ଷା ସାମିଲ ରହିଛି।

# ହର୍ମୁଜ୍‌ରେ ଟୋଲ୍ ଟ୍ୟାକ୍ସ ଆଦାୟକୁ ନେଇ ତେଜୁଛି ବିବାଦ

ତେହରାନ୍,ୱାଶିଂଟନ,(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଆଲୋଚନା ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଯିବାକୁ ନେଇ ଏକ ବଡ଼ ଅନ୍ତର୍ଜାତୀୟ ବିବାଦ ଦେଖାଦେଇଛି। ବାସ୍ତବରେ ଇରାନ ଘୋଷଣା କରିଛି ଯେ ଏହା ହର୍ମୁଜ ପ୍ରଣାଳୀକୁ ନିଜ ନିୟନ୍ତ୍ରଣରେ ରଖିବ ଏବଂ ଏହି ଜଳପଥର ପରିଚାଳନା ଖର୍ଚ୍ଚ ଉଠାଇବା ପାଇଁ ଜାହାଜଗୁଡ଼ିକ ଉପରେ ‘ସାମୁଦ୍ରିକ ସେବା ଶୁଳ୍କ’ ଲାଗୁ କରିବ। ଇରାନର ଯୁକ୍ତି ଅନୁଯାୟୀ, ଜଳପଥର ସୁରକ୍ଷା ଏବଂ ପରିବେଶର ଯତ୍ନ ନେବା ପାଇଁ ଏହି ଅର୍ଥ ଆଦାୟ କରାଯିବ। କିଛି ରିପୋର୍ଟ ଅନୁଯାୟୀ, ଏହି ରୁଟ୍ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇ ଇରାନ ବାର୍ଷିକ ପ୍ରାୟ ୪୦ ବିଲିୟନ ଡଲାର (ପ୍ରାୟ ୪,୦୦୦ କୋଟି ଡଲାର) ରୋଜଗାର କରିବାକୁ ଲକ୍ଷ୍ୟ ରଖିଛି। କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମର ଦାବି ଅନୁଯାୟୀ, ଇରାନ କେତେକ ବଡ଼ ଜାହାଜ ପାଇଁ ଏହି ଶୁଳ୍କର ପରିମାଣ ପ୍ରାୟ ୨ ମିଲିୟନ ଡଲାର (୨୦ ଲକ୍ଷ ଡଲାର) ପର୍ଯ୍ୟନ୍ତ ରଖିବାକୁ ଯୋଜନା କରୁଛି। ଏପରିକି ଇରାନର ରିଭୋଲ୍ୟୁସନାରୀ ଗାର୍ଡସ (ଆଇଆର୍‌ଜିସି) ଚେତାବନୀ ଦେଇଛି ଯେ ସେମାନଙ୍କ ଅନୁମତି ବିନା କୌଣସି ଜାହାଜ ଏହି ପ୍ରଣାଳୀ ପାର ହୋଇପାରିବେ ନାହିଁ ଏବଂ ନିୟମ ଉଲ୍ଲଂଘନ କଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି ଯେ ହର୍ମୁଜ ପ୍ରଣାଳୀରେ କୌଣସି ପ୍ରକାରର ଶୁଳ୍କ କିମ୍ବା ଟୋଲ୍ ଟ୍ୟାକ୍ସ ଆମେରିକା ପାଇଁ ଗ୍ରହଣୀୟ ନୁହେଁ। ଯଦି ଇରାନ ଏଭଳି କୌଣସି ଟ୍ୟାକ୍ସ ଆଦାୟ କରେ, ତେବେ ଆମେରିକା ତୁରନ୍ତ ସମସ୍ତ ପ୍ରକାରର ଶାନ୍ତି ଆଲୋଚନା ବାତିଲ୍ କରିଦେବ। ଆମେରିକା ଏହାକୁ ଏକ ଅନ୍ତର୍ଜାତୀୟ ଜଳପଥ ବୋଲି କହିଛି, ଯେଉଁଠି ସମସ୍ତଙ୍କର ମୁକ୍ତ ଯାତାୟାତର ଅଧିକାର ରହିଛି। ସେହିପରି ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନକୁ ଏହି ଅନ୍ତର୍ଜାତୀୟ ବାଣିଜ୍ୟ ରୁଟ୍‌ରୁ ଅର୍ଥ ଆଦାୟ କରିବାକୁ ଅନୁମତି ଦିଆଯାଏ, ତେବେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ମଧ୍ୟ ନିଜ ନିକଟରେ ଥିବା ସମୁଦ୍ର ପଥ ଉପରେ ଟ୍ୟାକ୍ସ ଲଗାଇବା ଆରମ୍ଭ କରିଦେବେ, ଯାହା ବିଶ୍ୱ ବାଣିଜ୍ୟକୁ ବିପଦରେ ପକାଇବ। ସାଉଦି ଆରବ ସମେତ ଅନ୍ୟ ଗଲ୍ଫ ଦେଶଗୁଡ଼ିକ ମଧ୍ୟ ଇରାନର ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି। ପ୍ରକାଶ, ହର୍ମୁଜ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ, ଯେଉଁଠାରୁ ସାରା ବିଶ୍ୱର ପ୍ରାୟ ୨୦% ରୁ ୩୦% ଅଶୋଧିତ ତୈଳ ଏବଂ ଏଲ୍‌ଏନ୍‌ଜି ପରିବହନ ହୋଇଥାଏ। ଇରାନର ଏହି ଟ୍ୟାକ୍ସ ଯୋଜନା ଏବଂ ସେଠାରେ ଉପୁଜିଥିବା ଉତ୍ତେଜନା କାରଣରୁ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି, ଯାହା ଭାରତ ସମେତ ଅନେକ ଦେଶର ଅର୍ଥନୀତି ଉପରେ ପ୍ରଭାବ ପକାଇପାରେ। ତେବେ ଏସବୁ ମଧ୍ୟରେ ଏକ ଆଶ୍ୱସ୍ତିକର ବିଷୟ ହେଉଛି ଯେ, ଓମାନ ଏହି ପ୍ରଣାଳୀ ନିକଟରେ ଜାହାଜ ଚଳାଚଳ ପାଇଁ ଏକ ଅସ୍ଥାୟୀ ବିକଳ୍ପ ରୁଟ୍ ପ୍ରସ୍ତୁତ କରିଛି ଏବଂ ସେଠାରେ କୌଣସି ପ୍ରକାରର ଟୋଲ୍ କିମ୍ବା ଫିସ୍ ନିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛି।

# ୩ ଦିନିଆ ସେସେଲ୍ସ ଗସ୍ତରେ ମୋଦୀ, କଇଁଛମାନଙ୍କୁ ପତ୍ର ଖୁଆଇବାର ମଜା ଉଠାଇଲେ

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତିନି ଦିନିଆ ସେସେଲ୍ସ ଗସ୍ତ ଆରମ୍ଭ ହୋଇଛି। ରିପୋର୍ଟ ଲେଖାହେବା ବେଳକୁ ପ୍ରଧାନମନ୍ତ୍ରୀ ମୋଦୀ ଅପରାହ୍ନ ସୁଦ୍ଧା ହିନ୍ଦ୍ ମହାସାଗରରେ



ଅବସ୍ଥିତ ଦେଶ ସେସେଲ୍ସରେ ପହଞ୍ଚି ସାରିଥିବା ସୂଚନା ମିଳିଛି। ରାଜଧାନୀ ଭିକ୍ଟୋରିଆ ସ୍ଥିତ ବିମାନବନ୍ଦରରେ ସେସେଲ୍ସ ରାଷ୍ଟ୍ରପତି ଡ. ପ୍ୟାଟ୍ରିକ୍ ହର୍ମିନି ତାଙ୍କୁ ସ୍ୱାଗତ କରିଥିଲେ ଏବଂ ଦୁଇ ନେତା ସେଠାରୁ ସିଧାସଳଖ ନ୍ୟାସନାଲ୍ ବଟାନିକାଲ୍ ଗାର୍ଡେନ ଯାଇ ସେଠାରେ ‘ଏଲଡାବ୍ରା ଜାଏଣ୍ଟ’ (ବିଶାଳକାୟ) କଇଁଛମାନଙ୍କୁ ପତ୍ର ଖୁଆଇଥିଲେ। ମୋଦୀ ଜୁନ୍ ୨୯ରେ ସେସେଲ୍ସର ୫୦ତମ ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହିନ୍ଦ ମହାସାଗରରେ ଅବସ୍ଥିତ ଏହି କ୍ଷୁଦ୍ର ଦ୍ୱୀପପୁଞ୍ଜୀ ଦେଶ ସହିତ ଭାରତର ସମ୍ପର୍କ କେବଳ ରଣନୀତିକ ନୁହେଁ, ବରଂ ୨୫୬ ବର୍ଷ ପୁରୁଣା ମଧ୍ୟ ଅଟେ। ବର୍ଷ ୧୭୭୦ ରେ ଯେତେବେଳେ ଏଠାରେ ପ୍ରଥମ ସ୍ଥାୟୀ ବସତି ସ୍ଥାପନ କରାଯାଇଥିଲା, ସେତେବେଳେ ସେଠାରେ ପହଞ୍ଚିଥିବା ୨୭ଜଣ ଲୋକଙ୍କ ମଧ୍ୟରେ ୫ ଜଣ ଭାରତୀୟ ସାମିଲ ଥିଲେ। ପରବର୍ତ୍ତୀ ସମୟରେ ବିହାର, ତାମିଲନାଡୁ ଏବଂ ଗୁଜରାଟରୁ ମଧ୍ୟ ବହୁ ସଂଖ୍ୟାରେ ଭାରତୀୟ ଏଠାକୁ ଆସି ବସବାସ କଲେ। ସେସେଲ୍ସର ପ୍ରାୟ ୧.୨୦ ଲକ୍ଷ ଜନସଂଖ୍ୟା ମଧ୍ୟରେ ପାଖାପାଖି ପ୍ରତ୍ୟେକ ୮ ଜଣରେ ଜଣେ ନାଗରିକ ଭାରତୀୟ ବଂଶୋଦ୍ଭବ ଅଟନ୍ତି।

ଜାତୀୟ ଚେତନା
JATIYA CHETANA



# ସମ୍ପର୍କରେ ରକ୍ତର ଛିଟା

ଭୁବନେଶ୍ୱର,(ଜା.ପ୍ର): ଟିକିଏ ଟିକିଏ କଥାରେ ସମ୍ପର୍କକୁ ଭୁଲି ଯାଉଛନ୍ତି। ସ୍ଥିତି ଏପରି ହେଉଛି ଯେ, ହତ୍ୟା କରିବାକୁ ପଛାଉ ନାହାନ୍ତି। କିଏ ସାତ ଜନକର ସାଥୀ କରିଥିବା ପତ୍ନୀକୁ ହତ୍ୟା କରୁଛି ତ କିଏ ନିଜ ଜନ୍ମକଲା ବାପାକୁ ହାଣିବାକୁ ପଛାଉ ନାହିଁ। ଏମିତିକି କିଏ ନିଜ ଶାଶୂକୁ ବି ହାଣି ପକାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଅପରାଧର ଭିନ୍ନ ଭିନ୍ନ ଚିତ୍ର ଚାଞ୍ଚଲ୍ୟ ଖେଳାଇଦେଇଛି।

ସାତ ଜନମର ସାଥୀ ହେବାକୁ ହାତ ଧରିଥିଲେ। ବାପା ଘରକୁ ପର କରି ସ୍ୱାମୀ ଭରସାରେ ଶାଶୂ ଘରକୁ ଆସିଥିଲେ। ହେଲେ ସେହି ସ୍ୱାମୀ ପାଲଟି ଯାଇଛି ପିଶାଚ। ଅବୈଧ ସମ୍ପର୍କକୁ ବିରୋଧ କରିବାରୁ ସ୍ତ୍ରୀକୁ ମାରିଦେଲା। ଝାରସୁଗୁଡ଼ା ସଦର ଥାନା ଅଞ୍ଚଳରେ ଘଟିଛି ଏଭଳି ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ସ୍ତ୍ରୀକୁ ବାଡ଼ିରେ ପିଟି ପିଟି ନିର୍ମମ ଭାବେ ହତ୍ୟା କରିଛି ସ୍ୱାମୀ। ମୃତକ ହେଲେ ସୌଦାମିନୀ କିଷାନ। ୨୦୨୧ରେ ହଂଶାମୁରା କଣ୍ଟାପାଲି ଘୁନଘୁଟି ପଡ଼ାର ରାହୁଲ ବାଘଙ୍କୁ ପ୍ରେମ ବିବାହ କରିଥିଲେ ସୌଦାମିନୀ। ବିବାହ ପରେ ରାହୁଲ ଅନ୍ୟ ଜଣେ ଝିଅ ସହ ସମ୍ପର୍କରେ ଆସିଥିଲେ। ଯାହାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ତେବେ ଶନିବାର ରାତିରେ ବଚସା ଉଗ୍ର ରୂପ ନେଇଥିଲା। ରାହୁଲ ଉତକ୍ଷିପ୍ତ ହୋଇ ଏକ ବାଡ଼ିରେ ସୌଦାମିନୀଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ସଦର ଥାନା ପୁଲିସ ରାହୁଲଙ୍କୁ ଅଟକ ରଖି ପଚରାଉଚରା କରୁଛି ।

ସେହିପରି ବାଲେଶ୍ୱର ଜିଲ୍ଲା ଭୋଗରାଇର ପଥରଘାଟା ଗାଁରେ ପାରିବାରିକ କଳହର ଭୟଙ୍କର ଚିତ୍ର ଦେଖିବାକୁ ମିଳିଛି। ଟଙ୍କା ଲୋଭରେ ବୋହୂ ନିଜ ଶାଶୂଙ୍କୁ ପନିକିରେ ଆକ୍ରମଣ କରି ରକ୍ତାକ୍ତ କରିଦେଇଛି। ଗୁରୁତର ଅବସ୍ଥାରେ ଶାଶୂ ଏବେ କଟକ ବଡ଼ ମେଡିକାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ପୁଲିସ ଅଭିଯୁକ୍ତ ବୋହୂକୁ ଅଟକ ରଖି ଅଧିକ ପଚରାଉଚରା ଚଳାଇଛି।

ସେପଟେ ମୋବାଇଲ୍ ପାଇଁ ରକ୍ତମୁଖା ସାଜିଲା ବଡ଼ଭାଇ। ମୟୂରଭଞ୍ଜ ଖୁଣ୍ଟା ଥାନା ଅଞ୍ଚଳରେ ଜନ୍ମକଲା ବାପା ଏବଂ ସାନଭାଇକୁ କଟୁରିରେ ହାଣିଛି ବଡ଼ଭାଇ। ଆକ୍ରମଣରେ ଗୁରୁତର ବାପା ଓ ପୁଅ ଉଦଳା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଗ୍ରାମର ସଦାନନ୍ଦ ବାରିକଙ୍କ ସାନ ପୁଅ ସୁଶାନ୍ତ ବାରିକ ରାସ୍ତାରୁ ଏକ ମୋବାଇଲ ପାଇଥିଲେ। ଗତକାଲି ସନ୍ଧ୍ୟାରେ ଏହି ମୋବାଇଲ୍‌କୁ ତା'ର ମାଲିକ ଆସି ନେଇ ଯାଇଥିଲେ। ହେଲେ ବିଳମ୍ବିତ ରାତିରେ ଅଚାନକ ସଦାନନ୍ଦଙ୍କ ବଡ଼ ପୁଅ ହେମନ୍ତ ବାରିକ ଘରେ ପହଞ୍ଚି ମୋବାଇଲ୍ କ'ଣ ପାଇଁ ଫେରାଇ ଦେଲ ବୋଲି ପଚାରିଥିଲେ। ଏନେଇ ପାଟିତୁଣ୍ଡ କରିବା ସହିତ ଏକ ତେଲେଙ୍ଗା କଟୁରୀରେ ସେ ପ୍ରଥମେ ତାଙ୍କ ବାପା ସଦାନନ୍ଦଙ୍କୁ ଆକ୍ରମଣ କରିଥିଲେ। ସଦାନନ୍ଦଙ୍କ ଗୋଡ଼ରେ ସେ ଚୋଟ୍ ବସାଇଥିଲେ। ଏହା ପରେ ସାନ ଭାଇ ସୁଶାନ୍ତଙ୍କ ମୁଣ୍ଡରେ ପକାଇଥିଲେ ଚୋଟ। ଉଭୟ ଗୁରୁତର ଆହତ ହୋଇଥିବା ବେଳେ ପରିବାର ଲୋକେ ସେମାନଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି।

## ଆଜି ଦେବସ୍ନାନ ପୂର୍ଣ୍ଣିମା

# ଗଜାନନ ବେଶରେ ଦର୍ଶନ ଦେବେ ମହାବାହୁ

ଭୁବନେଶ୍ୱର,(ଜା.ପ୍ର): ପବିତ୍ର ନଗରୀ ପୁରୀରେ ପାଳନ ହେବ ଦେବସ୍ନାନ ପୂର୍ଣ୍ଣିମା। ମହାବାହୁଙ୍କ କ୍ଷଣିକ ଦର୍ଶନ ଖେଳାଇବ ଶିହରଣ। ଏଥିଲାଗି ଭକ୍ତ ବ୍ୟାକୁଳ। ରତ୍ନବେଦି ଛାଡ଼ି ଭାଇ, ଭଉଣୀଙ୍କ ସହ ସ୍ନାନବେଦୀରେ ଉଭା ହେବେ ମହାପ୍ରଭୁ। ଧନୀ, ଗରିମ, ତପୀ, ପାପୀ, ଜାତି ଅଜାତିର ବାଛ ବିଚାର ନାହିଁ। ପତିତର ଦୁଃଖ ନିବାରଣ ପାଇଁ ବାହୁ ପ୍ରସାରି ଭକ୍ତଙ୍କୁ କୋଳଇେ ନେବେ ଭାବଗ୍ରାହୀ। ଜଗତକର୍ତ୍ତାଙ୍କୁ ସ୍ନାନବେଦୀରେ ସମସ୍ତେ ଦର୍ଶନ କରିବେ। ଠାକୁରେ ମଧ୍ୟ ସେମାନଙ୍କୁ ଅପଲକ ନୟନରେ ଅଭୟ ପ୍ରଦାନ କରିବେ। ଦାରୁବ୍ରହ୍ମଙ୍କୁ ୧୦୮ ଗରା ସୁନା କୂଅ ଜଳ ଲାଗି ହେବ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଗଜାନନ ବେଶରେ ଦର୍ଶନ କରି ଧନ୍ୟ ହେବେ ଭକ୍ତ। ମହାପ୍ରଭୁଙ୍କୁ ଅପେକ୍ଷା କରିଛି ସ୍ନାନମଣ୍ଡପ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସ୍ନାନ ମଣ୍ଡପକୁ ରଙ୍ଗ ଦିଆଯାଇ ସୁସଜ୍ଜିତ କରାଯାଇଛି। ମହାପ୍ରଭୁଙ୍କ ଏହି ଦିବ୍ୟ ଲୀଳାକୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତ ଉତ୍କଣ୍ଠାର ସହ ଅପେକ୍ଷାରେ ଅଛନ୍ତି।

ତେବେ ମହାପ୍ରଭୁଙ୍କ ପୂର୍ବ ନିର୍ଦ୍ଧାରିତ ନୀତି କାନ୍ତି କିଭଳି ସଠିକ୍ ସମୟରେ ହୋଇପାରିବ ସେନେଇ ସେବାୟତଙ୍କ ସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି। ଆସନ୍ତାକାଲି ଭୋର ୫ ଟାରୁ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି ଆରମ୍ଭ ହେବ। ଦିନ ୧୨ ଟା ରୁ ୨ ଟା ମଧ୍ୟରେ ଜଳ ବିଜେ, ପୂଜା ଓ ସ୍ନାନ ନୀତି ଅନୁଷ୍ଠିତ ହେବ। ୪ଟାରୁ ୫ଟା ମଧ୍ୟରେ ଦୁର୍ଲଭ ହାତୀବେଶ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ ଟାରୁ ୯ ଟା ୩୦ ପର୍ଯ୍ୟନ୍ତ ସାହାଣମେଲା, ରାତି ୧୦ ଟାରେ ହାତୀବେଶ ମଇଲମ, ରାତି ୧୦ଟା ୩୦



ପୁଷ୍ପାଞ୍ଜଳି ଏବଂ ଡୋର ଲାଗି, ରାତି ୧୧ ଟା ରୁ ୨ ଟା ମଧ୍ୟରେ ବାହୁଡା ପହଣ୍ଡି, ରାତି ୨ ଟା ୩୦ ରେ ସୁନା ଚିତା ଏବଂ ରାହୁରେଖା ମଇଲମ ନୀତି ଅନୁଷ୍ଠିତ ହେବ। ତେବେ ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀମନ୍ଦିରର ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ପାରମାଣିକ ଟିକେଟ କରିଥିବା ଭକ୍ତମାନେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିପାରିବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ରହିଛି।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରସାଶନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବଡ଼ଦାଣ୍ଡର ମାର୍କେଟ ଛକରୁ ଶ୍ରୀମନ୍ଦିର ଯାଏଁ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି। ଖରା ବର୍ଷାରେ ଭକ୍ତମାନେ ଯେଭଳି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେନେଇ ଛାମୁଡିଆ କରାଯାଇଛି। ଶୃଙ୍ଖଳିତ ନିତିକାନ୍ତି ପାଇଁ ସେବାୟତଙ୍କ ସହ ମନ୍ଦିର ପ୍ରଶାସନର ଆଲୋଚନା ହୋଇଛି। ସୁରକ୍ଷା ଦୃଷ୍ଟିରୁ ୪୦୦ରୁ ଅଧିକ କ୍ୟାମେରା ମନ୍ଦିର ସମେତ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲଗାଯାଇଛି।

# ଦୁର୍ନୀତି ବିରୋଧୀ ଅଭିଯାନର ଅଧୁରା କାହାଣୀ: ଧରାପଡ଼ିବା ପରେ ବେଆଇନ ସମ୍ପତ୍ତିର କ'ଣ ହୁଏ ?

## ସ୍ୱଚ୍ଛ ଶାସନ ପାଇଁ ଜନସାଧାରଣଙ୍କ ଜାଣିବାର ଅଧିକାର ଓ ଗଣମାଧ୍ୟମର ଦାୟିତ୍ୱ

ଦୁର୍ନୀତି କୌଣସି ଦେଶ କିମ୍ବା ରାଜ୍ୟର ବିକାଶ ପଥର ସବୁଠାରୁ ବଡ଼ ବାଧା। ଏହା କେବଳ ସରକାରୀ ଅର୍ଥର ଅପବ୍ୟୟ ନୁହେଁ, ବରଂ ଲୋକଙ୍କ ବିଶ୍ୱାସ, ନୈତିକତା ଓ ପ୍ରଶାସନିକ ବ୍ୟବସ୍ଥାକୁ ମଧ୍ୟ ଦୁର୍ବଳ କରିଥାଏ। ଯେତେବେଳେ ଜଣେ ସରକାରୀ କର୍ମଚାରୀ କିମ୍ବା ଅଧିକାରୀଙ୍କ ଘରୁ କୋଟି କୋଟି ଟଙ୍କାର ନଗଦ ଅର୍ଥ, ସୁନା, ବହୁମୂଲ୍ୟ ପ୍ଲଟ୍, ଆଲିଶାନ ଘର, ବିଳାସପୂର୍ଣ୍ଣ ଗାଡ଼ି ଓ ବେଆଇନ ସମ୍ପତ୍ତି ଠାବ ହେଉଥିବା ଖବର ଆସେ, ସେତେବେଳେ ସାଧାରଣ ଲୋକ ଆଶ୍ଚର୍ଯ୍ୟଚକିତ ହୋଇପଡ଼ନ୍ତି। ଲୋକମାନଙ୍କ ମନରେ ଏକ ଆଶା ଜାଗ୍ରତ ହୁଏ ଯେ ଆଇନ ନିଜ କାମ କରୁଛି ଏବଂ ଦୁର୍ନୀତି ବିରୋଧରେ କଠୋର ପଦକ୍ଷେପ ନିଆଯାଉଛି। କିନ୍ତୁ ଏହି ଖବରର କାହାଣୀ ଅଧିକାଂଶ ସମୟରେ ସେଠାରେ ହିଁ ଶେଷ ହୋଇଯାଏ। ଚଢ଼ାଉ, ଜବତି ଓ ଗିରଫ ପର୍ଯ୍ୟନ୍ତ ଖବର ବ୍ୟାପକ ଭାବେ ପ୍ରଚାର ପାଏ। ତା'ପରେ ମାମଲାର ଗତିପଥ କଣ ହେଲା ? ଅଭିଯୁକ୍ତଙ୍କ ବିରୋଧରେ କେଉଁ ଆଇନଗତ ପଦକ୍ଷେପ ନିଆଗଲା ? ଜବତ ହୋଇଥିବା ସମ୍ପତ୍ତିର କଣ ହେଲା ? ସେଗୁଡ଼ିକ ସରକାରୀ ଅଧିକାରକୁ ଗଲା କି ? ନିଲାମ ହେଲା କି ? ନା ବର୍ଷ ବର୍ଷ ଧରି ମାମଲା ଚାଲିରହିଲା ? ଏହି ସବୁ ପ୍ରଶ୍ନର ଉତ୍ତର ଲୋକଙ୍କ ପାଖରେ ପ୍ରାୟତଃ ରହସ୍ୟ ହୋଇ ରହିଯାଏ। ଏହା କେବଳ ଏକ ସାଧାରଣ ପ୍ରଶ୍ନ ନୁହେଁ; ଏହା ଲୋକତନ୍ତ୍ରରେ ଜବାବଦେହିତା, ସ୍ୱଚ୍ଛତା ଓ ସୁଶାସନ ସହ ସିଧାସଳଖ ଜଡ଼ିତ। ଯେଉଁ ସମ୍ପତ୍ତି ଜବତ ହେଉଛି, ସେଗୁଡ଼ିକ ପ୍ରକୃତରେ ଜନସାଧାରଣଙ୍କ ଅଧିକାରର ସମ୍ପତ୍ତି। ସେହି ସମ୍ପତ୍ତିର ଅନ୍ତିମ ପରିଣତି ଜାଣିବା ପ୍ରତ୍ୟେକ ନାଗରିକଙ୍କ ଅଧିକାର।

ଆଜିକାଲି ଗଣମାଧ୍ୟମରେ ଚଢ଼ାଉ ସମୟର ଦୃଶ୍ୟ, ଟଙ୍କା ଗଣାଯାଉଥିବା ମେସିନ୍, ସୁନାର ଗହଣା, ଦାମୀ ଗାଡ଼ି ଓ ଆଲିଶାନ ଘରର ଚିତ୍ର ବାରମ୍ବାର ପ୍ରସାରଣ ହୁଏ। ଏହା ନିଶ୍ଚିତ ଭାବରେ ଏକ ଖବର। କିନ୍ତୁ ପ୍ରକୃତ ସାମ୍ବାଦିକତା ସେତେବେଳେ ସଫଳ ହେବ, ଯେତେବେଳେ ସେହି ମାମଲାର ଶେଷ ପର୍ଯ୍ୟନ୍ତ ଅନୁସରଣ କରାଯିବ। ଦୋଷୀ ଦଣ୍ଡିତ ହେଲେ କି ? ସରକାର କେତେ ସମ୍ପତ୍ତି ଅଧିଗ୍ରହଣ କଲେ ? ସେହି ସମ୍ପତ୍ତି ଜନକଲ୍ୟାଣରେ ବ୍ୟବହୃତ ହେଲା କି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବା ମଧ୍ୟ ସାମ୍ବାଦିକତାର ଅବିଚ୍ଛିନ୍ନ ଅଂଶ।

ଏକ ମାମଲାର ଆରମ୍ଭ ଯେତେ ଗୁରୁତ୍ୱପୂର୍ଣ୍ଣ, ତାହାର ଶେଷ ମଧ୍ୟ ସେତେ ଗୁରୁତ୍ୱପୂର୍ଣ୍ଣ। କେବଳ 'ବ୍ରେକିଂ ନ୍ୟୁଜ୍' ନୁହେଁ, ବରଂ 'ଫଲୋ-ଅପ୍ ଜର୍ନାଲିଜିମ୍' ହିଁ ଗଣମାଧ୍ୟମର ପ୍ରକୃତ ଶକ୍ତି। ଦୁର୍ଭାଗ୍ୟବଶତଃ ଆମ ଦେଶରେ ଅନେକ ଦୁର୍ନୀତି ମାମଲା ଚର୍ଚ୍ଚାରୁ ଧୀରେ ଧୀରେ ହଜିଯାଏ ଏବଂ ଜନସାଧାରଣ କେବେ ଜାଣିପାରନ୍ତି ନାହିଁ ଯେ ଶେଷରେ କଣ ହେଲା।

ଏହି ନୀରବତା ବହୁ ପ୍ରଶ୍ନ ସୃଷ୍ଟି କରେ। କେଉଁଠି କି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ତଦନ୍ତର ଗତି ଧୀର ହୋଇଯାଏ ? ଦୀର୍ଘ ଆଇନଗତ ପ୍ରକ୍ରିୟାରେ ମାମଲାର ଗୁରୁତ୍ୱ କମିଯାଏ କି ? କିଛି ସମ୍ପତ୍ତି ପୁଣି ଫେରିଯାଏ କି ? ଏହି ସବୁ ପ୍ରଶ୍ନର ସଠିକ୍ ଉତ୍ତର ନଥିବାରୁ ସନ୍ଦେହ ଜନ୍ମ ନିଏ। ଆଉ ଯେଉଁଠାରେ ସ୍ୱଚ୍ଛତାର ଅଭାବ ରହେ, ସେଠାରେ ବିଶ୍ୱାସ ଦୁର୍ବଳ ହୁଏ। ସରକାରୀ ତଦନ୍ତକାରୀ ସଂସ୍ଥାମାନେ ମଧ୍ୟ ଏହି କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆଣିପାରନ୍ତି। ପ୍ରତ୍ୟେକ ବଡ଼ ଦୁର୍ନୀତି ମାମଲାର ଅଗ୍ରଗତିକୁ ନିୟମିତ ଭାବରେ ସାର୍ବଜନୀନ କରିବା, ମାମଲାର ସ୍ଥିତି, ଆଦାଲତର ରାୟ, ଜବତ ସମ୍ପତ୍ତିର ଆଇନଗତ ସ୍ଥିତି ଓ ସରକାରୀ ଅଧିଗ୍ରହଣର ସୂଚନା ପ୍ରକାଶ କରିବା ଉଚିତ। ଦୁର୍ନୀତିରୁ ଜବତ ହୋଇଥିବା ସମ୍ପତ୍ତିକୁ ଜନକଲ୍ୟାଣମୂଳକ କାର୍ଯ୍ୟରେ ବ୍ୟବହାର କରାଗଲେ ତାହା ଆହୁରି ଅର୍ଥପୂର୍ଣ୍ଣ ହେବ। ଉଦାହରଣ ସ୍ୱରୂପ, ସେହି ଅର୍ଥରେ ବିଦ୍ୟାଳୟ, ହସ୍ପିଟାଲ, ପାନୀୟ ଜଳ ପ୍ରକଳ୍ପ କିମ୍ବା ଗରିବ ଲୋକଙ୍କ ପାଇଁ ଘର ନିର୍ମାଣ କରାଯାଇପାରେ। ଏହା ଲୋକଙ୍କ ମନରେ ଏକ ସକାରାତ୍ମକ ବାର୍ତ୍ତା ଦେବ ଯେ ବେଆଇନ ଭାବରେ ଅର୍ଜିତ ସମ୍ପତ୍ତି ଶେଷରେ ସମାଜର କଲ୍ୟାଣରେ ବ୍ୟବହୃତ ହେଉଛି। ସରକାରଙ୍କ ପକ୍ଷରୁ ଏକ ସାର୍ବଜନୀନ ଅନଲାଇନ୍ ପୋର୍ଟାଲ ମଧ୍ୟ ପ୍ରସ୍ତୁତ କରାଯାଇପାରେ, ଯେଉଁଠାରେ ପ୍ରତ୍ୟେକ ବଡ଼ ଦୁର୍ନୀତି ମାମଲାର ସ୍ଥିତି, ଜବତ ସମ୍ପତ୍ତିର ବିବରଣୀ, ମାମଲାର ଅଗ୍ରଗତି ଓ ଅନ୍ତିମ ରାୟ ସମ୍ପର୍କରେ ସୂଚନା ସାଧାରଣ ଲୋକ ପାଇପାରିବେ। ଏହା ଦ୍ୱାରା ସ୍ୱଚ୍ଛତା ବୃଦ୍ଧି ପାଇବ ଏବଂ ଗୁଜବର ଅବସାନ ହେବ।

ଦୁର୍ନୀତି ବିରୋଧୀ ଲଢ଼େଇରେ ଆଉ ଏକ ବଡ଼ ଅସ୍ତ୍ର ହେଉଛି—ଜନସଚେତନତା। ଯଦି ଲୋକମାନେ ଜାଣିବେ ଯେ ଦୁର୍ନୀତି କରି କୋଟିପତି ହେବା ପରେ ମଧ୍ୟ ଶେଷରେ ସମ୍ପତ୍ତି ହରାଇବାକୁ ପଡ଼େ, ଚାକିରି ହରାଇବାକୁ ପଡ଼େ, ଆଇନର ସମ୍ମୁଖୀନ ହେବାକୁ ପଡ଼େ ଓ ସାମାଜିକ ସମ୍ମାନ ନଷ୍ଟ ହୁଏ, ତେବେ ଏହା ଭବିଷ୍ୟତରେ ଦୁର୍ନୀତିକୁ ଅନେକ ମାତ୍ରାରେ ରୋକିପାରିବ। ଏହା ମଧ୍ୟ ସତ୍ୟ ଯେ, ପ୍ରତ୍ୟେକ ଅଭିଯୁକ୍ତ ଦୋଷୀ ନୁହନ୍ତି। ଆଇନ ସମସ୍ତଙ୍କୁ ନ୍ୟାୟସଙ୍ଗତ ବିଚାରର ସୁଯୋଗ ଦେଇଥାଏ। ତେଣୁ ମିଡିଆର ଦାୟିତ୍ୱ ହେଉଛି ସନ୍ତୁଳିତ ଖବର ପ୍ରସାରଣ କରିବା ଏବଂ ଅନ୍ତିମ ରାୟ ଆସିବା ପୂର୍ବରୁ କାହାକୁ ଦୋଷୀ ଭାବେ ଉପସ୍ଥାପନ ନ କରିବା। ସେହି ସହିତ ରାୟ ପରେ ତାହାର ଫଳାଫଳକୁ ମଧ୍ୟ ସମାନ ଗୁରୁତ୍ୱରେ ପ୍ରଚାର କରିବା ଉଚିତ। ଆଜି ଭାରତ ଡିଜିଟାଲ ଶାସନ ବ୍ୟବସ୍ଥା ଦିଗରେ ଆଗେଇ ଚାଲିଛି। ସୂଚନା ଅଧିକାର ଆଇନ, ଇ-ଗଭର୍ନାନ୍ସ ଓ ଡିଜିଟାଲ ପ୍ଲାଟଫର୍ମ ସ୍ୱଚ୍ଛତାକୁ ବଢ଼ାଇଛି। ତେବେ ଦୁର୍ନୀତି ମାମଲାର ଅନ୍ତିମ ସ୍ଥିତିକୁ ସାର୍ବଜନୀନ କରିବା କାହିଁକି ସମ୍ଭବ ହେବ ନାହିଁ ? ଏହା ଦ୍ୱାରା ଲୋକଙ୍କ ମନରେ ସରକାର ଓ ଆଇନ ବ୍ୟବସ୍ଥା ପ୍ରତି ଆସ୍ଥା ଆହୁରି ବଢ଼ିବ।

ଶେଷରେ କୁହାଯାଇପାରେ, ଦୁର୍ନୀତି ବିରୋଧୀ ଅଭିଯାନର ସଫଳତା କେବଳ ଚଢ଼ାଉର ସଂଖ୍ୟା କିମ୍ବା ଜବତ ସମ୍ପତ୍ତିର ପରିମାଣରେ ମାପାଯାଇପାରିବ ନାହିଁ। ପ୍ରକୃତ ସଫଳତା ସେତେବେଳେ ହିଁ ଆସିବ, ଯେତେବେଳେ ପ୍ରତ୍ୟେକ ମାମଲାର ଅନ୍ତିମ ରାୟ, ଦୋଷୀଙ୍କ ଦଣ୍ଡ, ବେଆଇନ ସମ୍ପତ୍ତିର ଅନ୍ତିମ ସ୍ଥିତି ଏବଂ ତାହାର ଜନକଲ୍ୟାଣମୂଳକ ବ୍ୟବହାର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ତେଣୁ ଗଣମାଧ୍ୟମ, ତଦନ୍ତକାରୀ ସଂସ୍ଥା, ନ୍ୟାୟ ବ୍ୟବସ୍ଥା ଓ ସରକାର—ସମସ୍ତଙ୍କ ପ୍ରତି ଏହା ଏକ ବିନମ୍ର ଆହ୍ୱାନ। ଦୁର୍ନୀତି ବିରୋଧରେ କେବଳ ଅଭିଯାନ ନୁହେଁ, ବରଂ ତାହାର ସମ୍ପୂର୍ଣ୍ଣ ପରିଣତିକୁ ମଧ୍ୟ ଲୋକଙ୍କ ସମ୍ମୁଖରେ ଆଣନ୍ତୁ। କାରଣ ସ୍ୱଚ୍ଛତା ହିଁ ବିଶ୍ୱାସର ମୂଳଦୁଆର, ଆଉ ଜବାବଦେହିତା ହିଁ ସୁଶାସନର ପ୍ରକୃତ ପରିଚୟ।

***ସୌଜନ୍ୟ କୁମାର ପରିଡ଼ା***
*ଲକ୍ଷ୍ମୀନାରାୟଣ ବଜାର, ବାରୋ ଛକ*
*ଜିଲ୍ଲା – କେନ୍ଦ୍ରାପଡ଼ା, ଓଡ଼ିଶା*
*ମୋବାଇଲ: ୮୨୪୯୯୪୩୨୪୭*

ଜାତୀୟ ଚେତନା
JATIYA CHETANA

# ଜୈବିକ ଖାଦ୍ୟର ପୃଥିବୀ

ଆଜିକାଲି ଲୋକଙ୍କ ଭିତରେ ଖାଦ୍ୟ ସଚେତନତା ବଢୁଛି। ରଙ୍ଗିନ, ଆଖିକୁ ଖୁସି ଦେଲାପରି ଖାଦ୍ୟ ସବୁ ଗ୍ରହଣ କରିବା ବଦଳରେ ଜୈବିକ ଖାଦ୍ୟ ପ୍ରତି ଲୋକମାନଙ୍କ ଆଗ୍ରହ ବଢୁଛି। ଏହା ଆମକୁ ଭଲଭାବେ ଜଣା ଯେ, ରାସାୟନିକ ସାର ଓ ପ୍ରଦୂଷଣ ଦିନକୁ ଦିନ ଖାଦ୍ୟକୁ ଯେଉଁ ବିଷାକ୍ତ କରୁଛି ତାହା ଜହର ସ୍ୱରୂପ ପାଲଟି ଯାଉଛି। ଭାରତରେ ସବୁଜ ବିପ୍ଳବ ପୂର୍ବରୁ ଜୈବିକ ଖାଦ୍ୟ ପ୍ରସ୍ତୁତ ହେଉଥିଲା। ଦିନ ଥିଲା ଗୋବର ଖତ ଶସ୍ୟ କ୍ଷେତ୍ର ପାଇଁ ସବୁ କିଛି ଥିଲା। ଏଥିରେ ଅନେକ ଉପକାରୀ ଅଣୁଜୀବ ଓ ଜିଆମାନେ ରହୁଥିଲେ।

ଭାରତର ଅନେକ ରାଜ୍ୟରେ ଜୈବିକ ଫସଲ ଓ ପନିପରିବା ପ୍ରସ୍ତୁତ ହେଲାଣି। ୨୦୨୪ର ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ଜୈବିକ କୃଷି କରୁଛନ୍ତି। ଜୈବିକ ଖାଦ୍ୟରେ ବିକଶିତ ତାଲିକାରେ ସିକିମ୍ ଅଗ୍ରଣୀ ରହିଥିବାବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ନାଁ ରହିଛି। ଭାରତରେ ସିକିମ ହେଉଛି ପ୍ରଥମ ରାଜ୍ୟ, ଯେଉଁଠି ୨୦୧୪ରେ ରାସାୟନିକ ସାର ବ୍ୟବହାର ରାଜ୍ୟରେ ନିଷେଧ କରାଯାଇଛି। ପରବର୍ତ୍ତୀ ସମୟରେ ବାହାର ରାଜ୍ୟରୁ ଆସୁଥିବା ଅଣଜୈବିକ ଫଳ ଓ ପନିପରିବା ନିଷିଦ୍ଧ କରାଗଲା। ସିକିମ ୨୦୧୬ରେ ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ ଭାବେ ନିଜକୁ ଘୋଷଣା କରିଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୮ରେ ମିଳିତ ଜାତିସଂଘ ସିକିମର ଏହି ଜୈବିକ ସମ୍ଭାବନା ପାଇଁ ପ୍ରଶଂସା କରିବା ସହ ସମ୍ମାନିତ କରିଥିଲେ। ସୂଚନାଥାଉ କି ସିକିମର କେବଳ ପ୍ରାକୃତିକ ପରିବେଶ ବା ଅନନ୍ୟ ଜୈବ ବିବିଧତା ନୁହଁ ବରଂ ଜୈବିକ ଖାଦ୍ୟ ଓ ପନିପରିବା ପାଇଁ ଏହାର ବଡ଼ ବଜାର ରହିଛି। ଲୋକମାନଙ୍କ ଭିତରେ ଏହି ଜୈବିକ ଖାଦ୍ୟ ପ୍ରତି ଆଗ୍ରହ ବଢ଼ିବାରୁ ଭାରତୀୟ ଜୈବିକ ବଜାର ଲାଭବାନ ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ୧୮୭ରୁ ଊର୍ଦ୍ଧ୍ୱ ଦେଶ ଜୈବିକ କୃଷିରେ ସକ୍ରିୟ; ଯେଉଁଥିରେ ଭାରତର ସ୍ଥାନ ପଞ୍ଚମ। ଭାରତୀୟ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଜୈବିକ ଖାଦ୍ୟର ଚାହିଦା ବଢ଼ିବାରେ ଲାଗିଛି। ଲୋକଙ୍କ ଭିତରେ ସଚେତନତା ବଢ଼ିବାରୁ ଘରେ ବାହାରେ ଥିବା ଫାଙ୍କା ସ୍ଥାନ କିମ୍ବା ଛାତ ଉପରେ ଜୈବିକ ଉପାୟରେ ପରିବା ଉତ୍ପାଦନ କରୁଛନ୍ତି। ଜୈବିକ ଖାଦ୍ୟ ଦ୍ୱାରା ଆମେ ବାସ୍ତବିକ ଆମର ପୁରୁଣା ସମୟର ଖାଦ୍ୟ ଓ ପନିପରିବା ଉପନ୍ନ କରିପାରିବା। ଏହା ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଅତ୍ୟନ୍ତ ରୋଗ ପ୍ରତିରୋଧକ ଶକ୍ତି ଦେଇଥାଏ। ତେବେ ବଜାରରେ ଅର୍ଗାନିକ ବା ଜୈବିକ ଟ୍ୟାଗ ଦେଖାଇ କିଛି କମ୍ପାନୀ ଠକାମି କରୁଥିବାର ଖବର ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଛି। ଜୈବିକ ଖାଦ୍ୟର ଏକ ବଡ଼ ଲାଭକ୍ଷେତ୍ର ହେଉଛି ଏହା ସମ୍ପୂର୍ଣ୍ଣ ପ୍ରକୃତିଗତ, ଯାହା ଫଳ ଓ ପନିପରିବାକୁ ଦୀର୍ଘଦିନ ପର୍ଯ୍ୟନ୍ତ ସତେଜ ରଖିବାର ଶକ୍ତି ରଖିଥାଏ ଓ ଏହି ଖାଦ୍ୟ ଅତ୍ୟନ୍ତ ସୁସ୍ୱାଦୁ।

ଭାରତରେ ଜୈବିକ ଖାଦ୍ୟର ଭଲବଜାର ରହିଛି। ପ୍ରାୟତଃ ଅନେକ ଫଳ ଓ ପନିପରିବା ସହ ଚା', କଫି, ତୁଳା ଭଲ ରୋଜଗାର ଦେଇଥାଏ ଜୈବିକ ଖାଦ୍ୟ ବଜାର ନିମିତ୍ତ। ଭାରତରେ ଜୈବିକ କୃଷି ପାଇଁ ମିଶ୍ରିତ ଚାଷ, ସୋପାନ ଚାଷ ପରି ପଦ୍ଧତି ଅବଲମ୍ବନ କରାଯାଉଥିବା ସମୟରେ ଜୈବିକ ସାର ଓ କୀଟ ନାଶକ ପ୍ରତି ଗୁରୁତ୍ୱ ଦିଆଯାଉଛି। ଏହା ସହିତ କୃଷକମାନେ କିପରି ଜୈବିକ ଉପାୟରେ ଖାଦ୍ୟ ଉତ୍ପାଦନ ନିମନ୍ତେ ଉତ୍ସାହିତ ହେବେ ଓ ଫସଲରେ ରାସାୟନିକ ସାର ଯଥା ସମ୍ଭବ ଅଳ୍ପ ପ୍ରୟୋଗ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ସାଧାରଣ ପ୍ରକ୍ରିୟାରେ ଉପତ୍ାଦିତ ଖାଦ୍ୟ ପଦାର୍ଥ ଅପେକ୍ଷା ଜୈବିକ ଖାଦ୍ୟ ପଦାର୍ଥର ମୂଲ୍ୟ ଅଧିକ ହୋଇଥିବା କାରଣରୁ ଏହା ସମସ୍ତଙ୍କ ପକ୍ଷରେ କିଣିବା ସମ୍ଭବ ହୋଇ ନ ଥାଏ। ମୂଲ୍ୟ ଅଧିକ ହୋଇଥିବା ସତ୍ତ୍ୱେ ଏପରି ଖାଦ୍ୟ ବାଛିବାର ଅନେକ କାରଣ ରହିଛି। ଯାହା ମଧ୍ୟରୁ ପରିବେଶ ଚିନ୍ତା ତଥା ସର୍ବୋପରି ସ୍ୱାସ୍ଥ୍ୟ ସଚେତନତା ପ୍ରଧାନ କାରଣ।

ବର୍ତ୍ତମାନର ପାଣିପାଗର ପରିଣତି ଆମେମାନେ ଅନୁଭବ କରୁଛୁ। ଅନେକ ଋତୁଜାତୀୟ ଫସଲ ଓ ପନିପରିବା ଆଉ ପୂର୍ବପରି ବଜାରରେ ଦିଶୁ ନାହିଁ। ତେବେ ଜୈବିକ ଚାଷ ଓ ଜୈବିକ ଖାଦ୍ୟ କଥା ଉଠିଲେ, ଅନେକଙ୍କର ବେଶ୍ ଭଲ ଭାବେ ମନେଥିବ ଚାଷ କ୍ଷେତକୁ ବା ବାରିରେ ଥିବା ପନିପରିବା କ୍ଷେତ୍ରରେ ପ୍ରତିଦିନ ଏକ ବଡ଼ ଖାତରେ ରଖାଯାଉଥିବା ଗୋବର ବ୍ୟବହାର ହୋଇଥାଏ। ଆଜିକା ପରି ମୋ ପିଲା ଦିନ ସମୟରେ ଯେଉଁ ପୋକଙ୍କ ଫସଲ ହାନି କଥା କୁହାଯାଉଛି ସେତେବେଳେ ଆଜିକା ପରି ପୋକମାନଙ୍କ ପରି ପ୍ରାଦୁର୍ଭାବ ନ ଥିଲା। କଥା ହେଉଛି ଘରର ଅଗଣାରେ କିଛି ଜାଗା ହେଉ ବା ଘରର ଛାତ ଉପର, ସବୁ ସୁବିଧା ରହୁଛି ପୁରୁଣା ସାମଗ୍ରୀକୁ ନେଇ ସେଇଠି ହିଁ ସବୁଜ ଜୈବିକ ସବୁଜିମା ତିଆରି କରନ୍ତୁ। ଜୈବିକ ଖାଦ୍ୟ ପାଇଁ ସଚେତନତା ବଢ଼ିବା ଜରୁରୀ।

କଥା ହେଉଛି ଘରର ଅଗଣାରେ କିଛି ଜାଗା ହେଉ ବା ଘରର ଛାତ ଉପରେ, ସବୁ ସୁବିଧା ରହୁଛି ପୁରୁଣା ସାମଗ୍ରୀକୁ ନେଇ ସେଇଠି ହିଁ ସବୁଜ ଜୈବିକ ସବୁଜିମା ତିଆରି କରନ୍ତୁ। ଜୈବିକ ଖାଦ୍ୟ ପାଇଁ ସଚେତନତା ବଢ଼ିବା ଜରୁରୀ। ଏହା କେବଳ ଆମ ରୋଷେଇ ଘରର ସ୍ୱାସ୍ଥ୍ୟକୁ ସୁଧାରିବ ନାହିଁ, ବରଂ ଆମ ଧରିତ୍ରୀ ମାତାକୁ ମଧ୍ୟ କେମିକାଲ୍ ବା ରସାୟନର ବିଷରୁ ମୁକ୍ତି ଦେବ। ଯଦି ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ଛୋଟ ପ୍ରୟାସ କରିବେ, ତେବେ ଜୈବିକ ଚାଷ ଏକ ଆନ୍ଦୋଳନର ରୂପ ନେଇପାରିବ। ବଜାରର ନକଲି ପ୍ରତିଶ୍ରୁତି ପ୍ରତି ସତର୍କ ରହି ନିଜେ ଉତ୍ପାଦନ କରିବାର ଆନନ୍ଦ ନେବା ଉଚିତ। ଆସନ୍ତୁ, ଆମର ଏହି ପାରମ୍ପରିକ ଓ ପ୍ରାକୃତିକ ସମ୍ପଦକୁ ଆପଣେଇ ଏକ ସୁସ୍ଥ, ନିରୋଗ ଏବଂ ସବୁଜ ଭବିଷ୍ୟତ ଗଠନ ଦିଗରେ ସଂକଳ୍ପବଦ୍ଧ ହେବା।

# ବିନାଶର ବିଭୀଷିକାରୁ କଲ୍ୟାଣର ଆଲୋକ

ନରେନ୍ଦ୍ର ସେଠୀ

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ମାନବ ଇତିହାସ ଏକ ଏଭଳି ମୋଡ଼ରେ ପହଞ୍ଚିଥିଲା, ଯାହା ସମଗ୍ର ବିଶ୍ୱର ଭବିଷ୍ୟତକୁ ଚିରଦିନ ପାଇଁ ବଦଳାଇ ଦେଇଥିଲା। ଊଣେଇଶି ଶହ ପଞ୍ଚଚାଳିଶି ମସିହା ଜୁଲାଇ ମାସ ଷୋହଳ ତାରିଖର ସେହି ବର୍ଷାଭିଜା ଶ୍ରାବଣ ସକାଳ ଆଜି ବି ଇତିହାସର ପୃଷ୍ଠାରେ ଏକ ଭୟଙ୍କର ସ୍ମୃତି ଭାବେ ଲିପିବଦ୍ଧ ହୋଇ ରହିଛି। ସେଦିନ ମେକ୍ସିକୋର ଜୋର୍ନଡା ଡେଲ ନାମକ ଏକ ନିର୍ଜନ ମରୁଭୂମିର ଶୂନ୍ୟତା ଭିତରେ ବିଶ୍ୱର କେତେଜଣ ପ୍ରଖ୍ୟାତ ବୈଜ୍ଞାନିକ ଏବଂ ସାମରିକ ଅଧିକାରୀ ଏକତ୍ରିତ ହୋଇଥିଲେ। ସେମାନଙ୍କ ଆଖିରେ ଥିଲା ଏକ ଅଜ୍ଞାତ ଆଶଙ୍କା ଏବଂ ଉତ୍ସୁକତା। ଏକ ଶହ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିଶାଳ ଧାତବ ସ୍ତମ୍ଭର ଶୀର୍ଷ ଦେଶରେ ଏକ ଗୋଲାକାର ଅସ୍ତ୍ର ରଖାଯାଇଥିଲା, ଯାହାକୁ ସାଙ୍କେତିକ ଭାଷାରେ 'ଗାଜେଟ' ବୋଲି ନାମିତ କରାଯାଇଥିଲା। ଏହି ରହସ୍ୟମୟ ଗାଜେଟ ଭିତରେ ଏକ ଗୁପ୍ତ ଧାତବ ପରଖ ନଳୀ ମଧ୍ୟରେ ଅତି ସୂକ୍ଷ୍ମ ଭାବେ ଉପ କ୍ରାନ୍ତିକ ମାତ୍ରାରେ ପ୍ଲୁଟୋନିୟମ ଧାତୁକୁ ସଂରକ୍ଷିତ କରାଯାଇ ରଖାଯାଇଥିଲା। ଏହା କୌଣସି ସାଧାରଣ ଯନ୍ତ୍ର ନଥିଲା, ବରଂ ଏହା ଥିଲା ମାନବ ସଭ୍ୟତା ଦ୍ୱାରା ନିର୍ମିତ ପ୍ରଥମ ପରମାଣୁ ଅସ୍ତ୍ରର ଏକ ମାରାତ୍ମକ ପ୍ରତିକୃତି। ଦ୍ୱିତୀୟ ବିଶ୍ୱଯୁଦ୍ଧର ଦୀର୍ଘକାଳୀନ ରକ୍ତପାତକୁ ସମାପ୍ତ କରିବା ପାଇଁ ଏହି ମ୍ୟାନହାଟନ ପ୍ରକଳ୍ପ ଅଧୀନରେ ଏହି ଗୁପ୍ତ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସେହିଦିନ ସେହି ମରୁଭୂମିର ବୁକୁ ଚିରି ଯେଉଁ ମହାବିସ୍ଫୋରଣ ଘଟିଲା, ତାହା କେବଳ ପରମାଣୁ ଯୁଗର ଆରମ୍ଭ କରିନଥିଲା, ବରଂ ମାନବ ସମାଜକୁ ଏକ ଅଦୃଷ୍ଟ ଭୟର ଅନ୍ଧକାର ଭିତରକୁ ଠେଲି ଦେଇଥିଲା। ଏହାର କିଛି ଦିନ ପରେ ସମଗ୍ର ବିଶ୍ୱ ଜାପାନର ହିରୋଶିମା ଏବଂ ନାଗାସାକି ସହର ଉପରେ ଏହି ମାରାତ୍ମକ ବୋମାର କରୁଣ ଏବଂ ହୃଦୟବିଦାରକ ରୂପ ଦେଖିଲା। ମାତ୍ର କେଇ ସେକେଣ୍ଡ ମଧ୍ୟରେ ଲକ୍ଷ ଲକ୍ଷ ଜୀବନ ପାଉଁଶ ହୋଇଗଲେ ଏବଂ ପରମାଣୁ ଶକ୍ତିର ଏହି ବିନାଶକାରୀ ରୂପ ସମଗ୍ର ବିଶ୍ୱବାସୀଙ୍କୁ ଭୟଭୀତ ଏବଂ ସ୍ତବ୍ଧ କରିଦେଲା।

ଏହି ପ୍ରଳୟଙ୍କରୀ ବିନାଶ ଲୀଳାକୁ ଅତି ନିକଟରୁ ଦେଖିବା ପରେ, ଯେଉଁ ବୈଜ୍ଞାନିକମାନେ ଦିନରାତି ଏକ କରି ଏହି ପ୍ରଯୁକ୍ତିବିଦ୍ୟା ବିକଶିତ କରିଥିଲେ, ସେମାନଙ୍କ ଅନ୍ତରାତ୍ମା ଆନ୍ଦୋଳିତ ହୋଇଉଠିଲା। ମ୍ୟାନହାଟନ ପ୍ରକଳ୍ପର ମୁଖ୍ୟ ବିଦ୍ଧାଣି ତଥା ମହାନ ବୈଜ୍ଞାନିକ ଓପେନ ହାଇମର ଏହି ମହାବିନାଶର କରାଳ ରୂପ ଦେଖିବା ପରେ ଗଭୀର ମାନସିକ ଆଘାତ ପାଇଲେ। ତାଙ୍କ ମନ ମଧ୍ୟରେ ଏକ ଅଦ୍ଭୁତ ଆଧ୍ୟାତ୍ମିକ ଚେତନାର ଜାଗରଣ ଘଟିଲା। ପରମାଣୁର ଶକ୍ତି ଯେ ଏତେ ଭୟଙ୍କର ଭାବେ ମାନବ ଜାତିକୁ ଧ୍ୱଂସ କରିଦେଇପାରେ, ତାହା ସେ କଳ୍ପନା କରିନଥିଲେ। ଏହି ପରିତାପ ଏବଂ ମାନସିକ ଅଶାନ୍ତିରୁ ମୁକ୍ତି ପାଇବା ପାଇଁ ସେ ପରବର୍ତ୍ତୀ ସମୟରେ ଅଧ୍ୟାତ୍ମବାଦ ଆଡ଼କୁ ଆକର୍ଷିତ ହେଲେ ଏବଂ ଭାରତୀୟ ସନାତନ ସଂସ୍କୃତିର ମହାନ ଗ୍ରନ୍ଥ ଶ୍ରୀମଦ୍‌ଭଗବଦ୍ ଗୀତାର ଶରଣ ନେଲେ। ସେ ନିଜ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଗୀତା ପାଠରେ ନିଜକୁ ନିୟୋଜିତ କରି ରଖିଲେ, ଯେଉଁଥିରେ ସେ ସେହି ମହାବିସ୍ଫୋରଣକୁ ଭଗବାନଙ୍କ କାଳରୂପ ସହ ତୁଳନା କରିଥିଲେ। ପରମାଣୁ ଶକ୍ତିକୁ କେବଳ ଯୁଦ୍ଧ କିମ୍ବା ବିନାଶ ପାଇଁ ନୁହେଁ, ବରଂ ମାନବ କଲ୍ୟାଣ ଦିଗରେ କିପରି ବିନିଯୋଗ କରାଯାଇପାରିବ, ସେ ନେଇ ବିଶ୍ୱ ସ୍ତରରେ ଚିନ୍ତାମନ୍ଥନ ଆରମ୍ଭ ହେଲା। ପରମାଣୁ ଯୁଗର ପ୍ରାରମ୍ଭ ଯଦିଓ ମାନବ ଇତିହାସର ସବୁଠାରୁ ବଡ଼ ଦୁଃଖଦାୟକ ଘଟଣା ଥିଲା, ତଥାପି ଏହା ଭିତରୁ ହିଁ ଶାନ୍ତିପୂର୍ଣ୍ଣ ସହଅବସ୍ଥାନର ଏକ ନୂଆ ମାର୍ଗ ଖୋଜିବା ପାଇଁ ପ୍ରୟାସ ଜାରି ରହିଲା।

ଏହି କ୍ରମରେ ଆମେରିକାର ୩୪ତମ ରାଷ୍ଟ୍ରପତି ଡ୍ୱିଟ୍ ଡେଭିଡ୍ ଆଇଜେନହାୱର ଜାତିସଂଘର ମହାସଭାରେ ଏକ ଐତିହାସିକ ଭାଷଣ ପ୍ରଦାନ କରିଥିଲେ। ସେ ସମଗ୍ର ବିଶ୍ୱର ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ପୃଥିବୀ ପୃଷ୍ଠରେ ଆଉ କେବେ ହେଲେ ଦ୍ୱିତୀୟ ଥର ପାଇଁ ପରମାଣୁ ବୋମାର ଭୟାବହ ପ୍ରୟୋଗ ନ ହେଉ। ସେ ଏହି ଅପାର ପରମାଣୁ ଶକ୍ତିକୁ କେବଳ ସାମରିକ ଶକ୍ତି ପ୍ରଦର୍ଶନର ମାଧ୍ୟମ ନକରି ଏହାର ଶାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ବିନିଯୋଗ ପାଇଁ ଆନ୍ତରିକ ଉଦ୍ୟମ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବାସ୍ତବ ରାଜନୀତି ଏବଂ ସାମରିକ ପ୍ରତିଯୋଗିତାର ରୂପରେଖ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ପରମାଣୁ କ୍ଷମତା ସମଗ୍ର ବିଶ୍ୱରେ ତା'ର ଏକଚ୍ଛତ୍ର ଆଧିପତ୍ୟ ଜାହିର କରିଥିଲା ଏବଂ ବିପକ୍ଷ ଶକ୍ତି ଭାବେ ଉଭା ହୋଇଥିବା ଶୋଭିଏଟ ରୁଷିଆକୁ ଶୀତଳ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ପଛରେ ପକାଇ ଦେଇଥିଲା। ଆମେରିକାର ରଣନୀତିଜ୍ଞ ଏବଂ ବୈଜ୍ଞାନିକମାନେ ଭାବିଥିଲେ ଯେ ଶୋଭିଏଟ ରୁଷକୁ ପରମାଣୁ ପ୍ରଯୁକ୍ତିବିଦ୍ୟା ବିକଶିତ କରିବା ପାଇଁ ହୁଏତ ଅତି କମରେ କୋଡ଼ିଏ ବର୍ଷ ସମୟ ଲାଗିଯାଇପାରେ। କିନ୍ତୁ ସମସ୍ତଙ୍କୁ ଚକିତ କରି ଏବଂ ଆମେରିକାର ଅହଂକାରକୁ ପ୍ରତିହତ କରି ଶୋଭିଏଟ ରୁଷ ମାତ୍ର ଚାରି ବର୍ଷ ମଧ୍ୟରେ ଅର୍ଥାତ୍ ଊଣେଇଶି ଶହ ଅଣଚାଶ ମସିହାରେ ନିଜର ପ୍ରଥମ ପରୀକ୍ଷାମୂଳକ ପରମାଣୁ ବିସ୍ଫୋରଣ ସଫଳତାର ସହ ସମ୍ପାଦନ କଲା। ଏହି ଘଟଣା ସମଗ୍ର ବିଶ୍ୱରେ ଶକ୍ତିର ସନ୍ତୁଳନକୁ ବଦଳାଇ ଦେଲା ଏବଂ ଶୀତଳ ଯୁଦ୍ଧର ଉଷ୍ମତାକୁ ଆହୁରି ବଢ଼ାଇ ଦେଲା। ଏହା ସହିତ ଆମେରିକା ମଧ୍ୟରେ ପ୍ରଯୁକ୍ତିବିଦ୍ୟାର ନିୟନ୍ତ୍ରଣକୁ ନେଇ ଏକ ବଡ଼ ଧରଣର ଗୃହ ବିବାଦ ଏବଂ ତର୍କ ବିତର୍କ ମଧ୍ୟ ଆରମ୍ଭ ହୋଇଯାଇଥିଲା। ଦେଶର ବୁଦ୍ଧିଜୀବୀ ଏବଂ ବୈଜ୍ଞାନିକମାନେ ଦୃଢ଼ ଯୁକ୍ତି ବାଢ଼ିଥିଲେ ଯେ, ପରମାଣୁ ଶକ୍ତି ଭଳି ଏକ ସଂବେଦନଶୀଳ ଏବଂ ସର୍ବଶକ୍ତିମାନ ମାଧ୍ୟମକୁ ସେନାର ନିୟନ୍ତ୍ରଣରୁ ମୁକ୍ତ ରଖାଯାଇ ଏକ ବେସାମରିକ ସଂସ୍ଥା ହାତରେ ନ୍ୟସ୍ତ କରାଯାଉ। ଅପରପକ୍ଷରେ ସେନା ଏହି ଶକ୍ତିକୁ କୌଣସି ପରିସ୍ଥିତିରେ ନିଜ ହାତରୁ ଛାଡ଼ିବାକୁ ଚାହୁଁନଥିଲା। ବହୁ ବାଦବିବାଦ ପରେ ଊଣେଇଶି ଶହ ଛୟାଳିଶି ମସିହାରେ ଆମେରିକା ସରକାର ଏକ ସ୍ୱତନ୍ତ୍ର ପରମାଣୁ ଶକ୍ତି ଅଧିନିୟମ ପ୍ରଣୟନ କଲେ। ଏହି ଆଇନ ବଳରେ ପରମାଣୁ ଶକ୍ତି ସମ୍ପର୍କିତ ସମସ୍ତ ତଥ୍ୟକୁ ଅତି ଗୁପ୍ତ ରଖିବା ସହିତ ଏହାର ସର୍ବୋଚ୍ଚ ନିୟନ୍ତ୍ରଣ ବେସାମରିକ ପ୍ରଶାସନ ହାତରେ ରଖିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଗଲା। ଏଠାରେ ସ୍ମରଣଯୋଗ୍ୟ ଯେ, ମ୍ୟାନହାଟନ ପ୍ରକଳ୍ପ ସମୟରେ ପରମାଣୁ ବୋମାର ପ୍ରସ୍ତୁତି ଏତେ ଗୁପ୍ତ ରଖାଯାଇଥିଲା ଯେ, ଦେଶର ତତ୍କାଳୀନ ଉପରାଷ୍ଟ୍ରପତି ମଧ୍ୟ ଏ ବିଷୟରେ ଅବଗତ ନଥିଲେ। ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟଙ୍କ ଅକାଳ ବିୟୋଗ ପରେ ଯେତେବେଳେ ହ୍ୟାରୀ ଟ୍ରୁମ୍ୟାନ ନୂତନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କଲେ, ସେତେବେଳେ ଯାଇ ସେ ଏହି ମହାଶକ୍ତିଶାଳୀ ପ୍ରକଳ୍ପ ବିଷୟରେ ଜାଣିବାକୁ ପାଇଥିଲେ। ସେ ନିଜ ବ୍ୟକ୍ତିଗତ ଡାଏରୀରେ ଏହାକୁ "ବିଶ୍ୱ ଇତିହାସର ସବୁଠାରୁ ଭୟଙ୍କର ଏବଂ ବିନାଶକାରୀ ବୋମା" ବୋଲି ଅଭିହିତ କରିଥିଲେ ଏବଂ ପବିତ୍ର ବାଇବେଲରେ ବର୍ଣ୍ଣିତ 'ଅଗ୍ନି ବିନାଶ'ର ଭବିଷ୍ୟବାଣୀ ସହିତ ଏହାକୁ ତୁଳନା କରିଥିଲେ। ତଥାପି, ପରବର୍ତ୍ତୀ ସମୟରେ ଯୁଦ୍ଧର ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଟ୍ରୁମ୍ୟାନ ନିଜେ ହିଁ ଜାପାନ ଉପରେ ଏହି ମାରାତ୍ମକ ବୋମା ପକାଇବା ପାଇଁ ଚୂଡ଼ାନ୍ତ ଆଦେଶ ଦେଇଥିଲେ, ଯାହା ମାନବ ଇତିହାସର ସବୁଠାରୁ ବଡ଼ ବିରୋଧାଭାସ ଥିଲା।

ଏହିପରି ଭାବେ ଗୋଟିଏ ପଟେ ହିରୋଶିମା ଏବଂ ନାଗାସାକିର ସେହି କରାଳ ରୂପକୁ ଆଖିଆଗରେ ରଖି ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନହେବ, ସେଥିପାଇଁ ବିଶ୍ୱ ସ୍ତରରେ ବିଭିନ୍ନ ଶାନ୍ତି ପ୍ରକ୍ରିୟା ଜାରି ରହିଥିଲା। ମାତ୍ର ଅନ୍ୟପଟେ ଆମେରିକା ଏବଂ ଶୋଭିଏଟ ରୁଷ ମଧ୍ୟରେ ଅସ୍ତ୍ରଶସ୍ତ୍ର ଗଚ୍ଛିତ କରିବାର ଏକ ଅଦୃଶ୍ୟ ଓ ପ୍ରତିହିଂସାମୂଳକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ସୋଭିଏଟ ରୁଷର ଊଣେଇଶି ଶହ ଅଣଚାଶର ପରୀକ୍ଷାର ଜବାବ ଦେବାକୁ ଯାଇ ଆମେରିକା ପୂର୍ବ ବୋମା ଅପେକ୍ଷା ପ୍ରାୟ ପାଞ୍ଚ ଶହ ଗୁଣ ଅଧିକ ଶକ୍ତିଶାଳୀ ଏକ ବିଶାଳ ତାପ-ଆଣବିକ ବୋମାର ବିସ୍ଫୋରଣ ଘଟାଇଲା। ଏହି ଘଟଣା ପରମାଣୁର ଯେଉଁ ଶାନ୍ତିପୂର୍ଣ୍ଣ ମହାଯାତ୍ରା ଆରମ୍ଭ ହେବାର ଆଶା ଥିଲା, ସେଥିରେ ଏକ ବଡ଼ ବ୍ୟାଘାତ ସୃଷ୍ଟି କଲା। ପରମାଣୁର ଏହି ଶାନ୍ତିପୂର୍ଣ୍ଣ ସଫଳ ଯାତ୍ରାର ପଥ ଯଦିଓ ଅତ୍ୟନ୍ତ କଠିନ, ଜଟିଳ ଏବଂ ସଂଘର୍ଷମୟ ଥିଲା, ତଥାପି ପରବର୍ତ୍ତୀ ସମୟରେ ଏହା ଆମ ସମାଜର ଏକ ଅଭିନ୍ନ ତଥା ଅପରିହାର୍ଯ୍ୟ ଅଙ୍ଗ ପାଲଟିଗଲା। ଆଜି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ପରମାଣୁ ଶକ୍ତିରୁ ନିର୍ଗତ ଶକ୍ତିଶାଳୀ ବିକିରଣ ଏବଂ ରେଡିଓ ଆଇସୋଟୋପର ବ୍ୟବହାର କରାଯାଇ କେମୋଥେରାପି ମାଧ୍ୟମରେ କର୍କଟ ରୋଗ ଭଳି ମାରାତ୍ମକ ବ୍ୟାଧିର ସଫଳ ଉପଶମ କରାଯାଉଛି। ଏହା ଲକ୍ଷ ଲକ୍ଷ ଅସହାୟ ରୋଗୀଙ୍କୁ ଏକ ନୂତନ ଜୀବନଦାନ ଦେବାରେ ସଫଳ ହୋଇଛି। କେବଳ ସେତିକି ନୁହେଁ, କୃଷି କ୍ଷେତ୍ରରେ ମଧ୍ୟ ପରମାଣୁ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ଅନେକ ଉନ୍ନତ, ରୋଗପ୍ରତିରୋଧକ ଏବଂ ଅଧିକ ଅମଳକ୍ଷମ ଫସଲ କିସମ ବିକଶିତ କରାଯାଇପାରିଛି, ଯାହା ବିଶ୍ୱରୁ କ୍ଷୁଧା ନିବାରଣରେ ସହାୟକ ହେଉଛି। ଖାଦ୍ୟ ଏବଂ ଶସ୍ୟଜାତ ଦ୍ରବ୍ୟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ଓ ସତେଜ ରଖିବା ପାଇଁ ପରମାଣୁ ବିକିରଣ ପଦ୍ଧତି ଆଜି ସବୁଠାରୁ ଶସ୍ତା, ସରଳ ଏବଂ ସଫଳ ଉପାୟ ଭାବରେ ସାରା ବିଶ୍ୱରେ ଗ୍ରହଣ କରାଯାଇଛି। ଆଗାମୀ ଭବିଷ୍ୟତରେ ଯେତେବେଳେ ପୃଥିବୀର ପାରମ୍ପରିକ ଶକ୍ତି ଉତ୍ସ ଯେପରିକି କୋଇଲା ଏବଂ ପେଟ୍ରୋଲିୟମ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯିବ, ସେତେବେଳେ ଏହି ପରମାଣୁ ବିଜୁଳି ହିଁ ସମଗ୍ର ମାନବ ସଭ୍ୟତାକୁ ଅନ୍ଧକାରରୁ ରକ୍ଷା କରିବା ପାଇଁ ଏକମାତ୍ର ଶ୍ରେଷ୍ଠ ଏବଂ ଦୀର୍ଘସ୍ଥାୟୀ ବିକଳ୍ପ ଭାବେ ସାହା ହେବ ଏଥିରେ କୌଣସି ସନ୍ଦେହ ନାହିଁ।

ଜାତୀୟ ଚେତନା
JATIYA CHETANA



# ସମୃଦ୍ଧ ଓଡ଼ିଶାରେ ମା'ମାନେ ବିକାଶର ନେତୃତ୍ୱ ନେବେ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଜା.ପ୍ର): 'ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ। ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ। ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ମଧ୍ୟ ନେବେ।' ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଶନିବାର ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଅବସରରେ ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି। ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଏକ ବର୍ଷର ଆକ୍ସନ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତିକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି। ଆଇଆଇଏମ୍ ସମ୍ବଲପୁର, ଏସ୍‌ବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି। ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ମଧ୍ୟ ୬,୮୮୭ ଟଙ୍କା ବୃଦ୍ଧି ପାଇଛି। ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ଲାହିରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ଯୋଜନା ଉପରେ ବିଶେଷ ଫୋକସ ରହିଥିବା ବେଳେ ଓଡ଼ିଶା ଆଜି ବିକାଶର ଏକ ନୂଆ କିରଣ ସାଜିବା ସହ ଏକ ଉଦୀୟମାନ ତାରକା ଭାବେ ଉଭା ହୋଇଛି। ଓଡ଼ିଶାର ଜିଏସ୍‌ଡିପି ଅଭିବୃଦ୍ଧି ହାର ଜାତୀୟ ଜିଡିପିଠାରୁ ଅଧିକ ରହିଥିବା ବେଳେ ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଯୋଗୁଁ ନୀତି ଆୟୋଗର ଫିସକାଲ ହେଲ୍ଥ ଇଣ୍ଡକ୍ସ- ୨୦୨୬ ରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଆଜିଠାରୁ ମହିଳାମାନଙ୍କ ପାଇ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ମହିଳାମାନେ ହେଉଛନ୍ତି ଓମେନ ଲେଡ ଇକୋନୋମିର ଅଗ୍ରଦୂତ। ତାଙ୍କର ଦକ୍ଷତାକୁ ପ୍ରକାଶ କରିବା ପାଇ ଗୋଟିଏ ପ୍ଲାଟଫର୍ମର ଆବଶ୍ୟକତା ଥିଲା ଯାହା ଆଜି ବାସ୍ତବତାରେ ପରିଣତ ହୋଇଛି। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ତଥା ମହିଳା ଉଦ୍ୟୋଗିତା ମଞ୍ଚର ମିଶନ ନିର୍ଦ୍ଦେଶିକା ସୁଶ୍ରୀ ଆନା ରୟ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ୍ ଏବଂ ଆଭାସୀ ମାଧ୍ୟମରେ ଗଞ୍ଜାମ, ବାଲେଶ୍ୱର ଓ କଳାହାଣ୍ଡି ଜିଲ୍ଲାପ୍ରଶାସନ ସମେତ ବହୁ ଶିଳ୍ପପତି, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସହସ୍ରାଧିକ ମହିଳା ଉଦ୍ୟୋଗୀ ଉପସ୍ଥିତ ଥିଲେ। ଏମ୍ଏସ୍ଏମ୍ଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓ ଶିଳ୍ପ ବିଭାଗ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ ଧନ୍ୟବାଦ୍ ଦେଇଥିଲେ।

# ମହାନଦୀ ଜଳ ବିବାଦର ସମାଧାନ ଖୁବ୍ ଶୀଘ୍ର

ଭୁବନେଶ୍ୱର,(ଜା.ପ୍ର): ଖୁବ୍ ଶୀଘ୍ର ସମାଧାନ ହେବ ମହାନଦୀ ଜଳ ବିବାଦ। ଦୀର୍ଘଦିନ ଧରି ମହାନଦୀ ପାଣିକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଚାଲିଥିବା କନ୍ଦଳର ଅନ୍ତ ଘଟିବ। ଏହାସହ ଦୁଇ ରାଜ୍ୟ ମଧ୍ୟରେ ସଚିବସ୍ତରୀୟ ବୈଠକ ବସିବା ନେଇ ସୂଚନା ଦେଇଛନ୍ତି ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ। ଶନିବାର ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କରିଛନ୍ତି ଯୁଗ୍ମ ବୈଷୟିକ ଟିମ୍। ଆଗାମୀ ଦିନରେ ଦୁଇ ରାଜ୍ୟ ଭିତରେ ସଚିବସ୍ତରୀୟ ବୈଠକ ହେବ। ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ୨ ରାଜ୍ୟ ମଧ୍ୟରେ ସମାଧାନର ବାଟ ଧୀରେ ଧୀରେ ପ୍ରଶସ୍ତ ହେଉଥିବା ନେଇ ସଂକେତ ମିଳିଛି। ଆଡଭୋକେଟ୍ ଜେନେରାଲ୍ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଟ୍ରିବ୍ୟୁନାଲ୍ ଆସନ୍ତା ଜୁଲାଇ ୧୧ରେ ମହାନଦୀ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବେ। ଜଳବଣ୍ଟନ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଜାତୀୟ ଜଳନୀତିକୁ ଆଧାର କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଆଗାମୀ ପର୍ଯ୍ୟାୟରେ ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଆଇନଶୃଙ୍ଖଳା ପରିସ୍ଥିତି ନେଇ ବର୍ଷିଲା ବିଜେଡି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ନାରୀ ଅସୁରକ୍ଷିତ, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍କେ.ନିଜାମୁଦ୍ଦିନ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ବିଜେପି ସରକାରଙ୍କ ଶାସନରେ ରାଜ୍ୟରେ ହତ୍ୟା, ଗୁଳିକାଣ୍ଡ ଓ ସଂଗଠିତ ଅପରାଧ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି। ବାରମ୍ବାର ଘଟୁଥିବା ଏଭଳି ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି। ଶ୍ରୀ ବେହେରା କହିଥିଲେ, ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରାଯାଇଛି। ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ। ଅନ୍ୟପଟେ କଟକ ଜିଲ୍ଲାରେ ସନ୍ତରାବାଲି ସରପଞ୍ଚ ମୀତା ଜେନାଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାଙ୍କ ଉପରେ ସର୍ବସମ୍ମୁଖରେ ହୋଇଥିଲା ଗୁଳିମାଡ଼। କେବଳ ଏତିକି ନୁହେଁ ତାଙ୍କ ପୁଅଙ୍କ ସହ ଏକ ସେଲୁନରେ ଥିବା ବେଳେ ଅଜଣା ଦୁର୍ବୃତ୍ତମାନେ ଗୁଳି ଚଳାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏ ସମସ୍ତ ଘଟଣା ସ୍ପଷ୍ଟ ହେଉଛି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୋଲିସ ବିଭାଗ କୋମାକୁ ଚାଲିଯାଇଛି।

## ବିଜେପି ରାଜ୍ୟ ସଭାପତିଙ୍କ କେନ୍ଦ୍ରାପଡ଼ା ଗସ୍ତ

ଭୁବନେଶ୍ୱର,(ଜା.ପ୍ର): ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କେନ୍ଦ୍ରାପଡ଼ା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ତାଙ୍କର ଏହି ଗସ୍ତ ଦ୍ୱାରା ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଶ୍ରୀ ସାମଲ ଓ ମହାକାଳପଡ଼ା ବିଧାୟକ ଡ ଦୁର୍ଗା ପ୍ରସନ୍ନ ନାୟକ ମିଳିତ ଭାବରେ ତରାଣ୍ଡ ବଟଠାରେ ଆୟୋଜିତ 'ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ'ରେ ସାମିଲ ହୋଇ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ଏହାପରେ ଶ୍ରୀ ବଳଦେବଜିଉଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରି ସେଠାରେ ପ୍ରଭୁ ବଳଦେବଜିଉଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଶେଷରେ ସକାଳ ଶ୍ରୀ ବଳଦେବଜିଉ ମନ୍ଦିର ପରିସରରେ ଆୟୋଜିତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, ପ୍ରଭାରୀ ଅଶୋକ ମିଶ୍ର, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଗୀତାଞ୍ଜଳି ସେଠୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡ଼ା, ଲଳିତ ବେହେରା, କିଶୋର ପଣ୍ଡା, ସୁନାକର ବେହେରା, ଉମାକାନ୍ତ ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ, ଉପିନ ରାଉତ, ମନୀଷା ପଣ୍ଡା, ଜୋତ୍ସ୍ନା ରାଣୀ ଜେନା ଯୋଗଦେଇ ଥିଲେ।

# ଛୁଆଙ୍କୁ ଧରି ଶିମିଳିପାଳ ଜଙ୍ଗଲରେ ବୁଲୁଛି 'ଜିନ୍ନତ'

ଭୁବନେଶ୍ୱର,(ଜା.ପ୍ର): ଶିମିଳିପାଳ ପାଇଁ ପୁଣି ଖୁସି ଖବର। ବାଘୁଣୀ 'ଜିନ୍ନତ' ସହ ତା'ର ଶାବକମାନେ ବୁଲୁଥିବା ଦେଖିବାକୁ ମିଳିଛି। ଶିମିଳିପାଳ କର୍ତ୍ତୃପକ୍ଷ ଏ ନେଇ ନିଜ ଏକ୍ସ ପେଜ୍‌ରେ ଏକ ଫଟୋ ଜାରି କରିଛନ୍ତି। ଏହି ଫଟୋରେ ବାଘୁଣୀ ଜିନ୍ନତ ଆଉ ତାର ତିନି ଶାବକ ଏକ ସଙ୍ଗେ ଜଙ୍ଗଲରେ ବୁଲୁଥିବା ଦେଖିବାକୁ ମିଳିଛି। ଜିନ୍ନତ ଆଗରେ ଥିବା ବେଳେ ଶାବକମାନେ ପଛରେ ଧାଡ଼ିରେ ଯାଉଛନ୍ତି।

ଏହି ଫଟୋକୁ ପୋଷ୍ଟ କରି ଶିମିଳିପାଳ କର୍ତ୍ତୃପକ୍ଷ ଲେଖିଛନ୍ତି ଯେ ଶିମିଳିପାଳରେ ଜିନ୍ନତ ତା' ଶାବକମାନଙ୍କ ସହିତ। ଶାବକଗୁଡ଼ିକୁ ୨ ମାସରୁ କମ୍ ବୟସ ହୋଇଥିବା ବେଳେ ସେମାନେ ମା' ସହିତ ବୁଲୁଛନ୍ତି।

ମହାରାଷ୍ଟ୍ର ତଡ଼ବା ଜଙ୍ଗଲରୁ ଜୀନ୍ନତକୁ ଶିମିଳିପାଳ ଅଣାଯାଇଥିଲା। ଜିନ୍ ଗତ ସମସ୍ୟା ଯୋଗୁ ଶିମିଳିପାଳରେ କଳାବାଘ ବଂଶ ବଢ଼ି ଚାଲିଥିବା ବେଳେ ଏହା ଉପରେ ରୋକ ଲଗାଇବା ପାଇଁ ମହାରାଷ୍ଟ୍ରରୁ ଅଢ଼େଇ ବର୍ଷର ବାଘୁଣୀ 'ଜିନ୍ନତ'କୁ ଆଣାଯାଇଥିଲା। ଗତ ମାସରେ ତା'ର ଏହି ଛୁଆମାନେ ଜନ୍ମ ହୋଇଥିଲେ। ଛୁଆଗୁଡ଼ିକ ସାଧାରଣ ମହାବଳବାଘ ପରି ହୋଇଥିବାରୁ ଅଭିଯାନ ସଫଳ ହୋଇଛି ବୋଲି କୁହାଯାଇଥିଲା। ଆଉ ଏବେ ଫଟୋ ସାମ୍ନାକୁ ଆସିବା ପରେ ଜିନ୍ନତ ଓ ତା'ର ଶାବକମାନେ ସୁସ୍ଥ ଥିବା ଜଣାପଡ଼ିଛି।

# ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଭୀମସେନ ଟୁଡୁ ବିଦା

ଭୁବନେଶ୍ୱର,(ଜା.ପ୍ର): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତାଙ୍କ ମୃତ୍ୟୁ ମାମଲାରେ ପୁଲିସ୍ ପୂର୍ବରୁ ପ୍ରେମିକ ତଥା ନୂଆ କରି ନିଯୁକ୍ତି ପାଇଥିବା ଓଟିଏଏସ ଅଧିକାରୀ ଭୀମସେନ ଟୁଡୁଙ୍କୁ ଗିରଫ କରିଥିଲା। ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ପୁଲିସ୍ ମଧ୍ୟ କହିଥିଲା। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ ଯେ, ନୂଆ କରି ଓଟିଏଏସ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଙ୍ଗ୍ ସମୟରେ ୨୦୨୬ ଜୁନ୍ ୪ ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କୁ ଏବେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି। ପ୍ରକାଶ ଯେ ଚନ୍ଦ୍ରିକା ଓ ଭୀମସେନଙ୍କ ମଧ୍ୟରେ ଦୀର୍ଘ ୧୫ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ସେମାନେ ୨୦୨୭ ଡିସେମ୍ବରରେ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ। ହେଲେ ଭୀମସେନଙ୍କ ଜୀବନରେ ସ୍ୱାତୀ ନାମ୍ନୀ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସମ୍ପର୍କରେ ସୃଷ୍ଟି ହୋଇଥିଲା ଫାଟ।

# ଯୁବତୀଙ୍କୁ ଜାଳିଦେଲା ଯୁବକ

ଭୁବନେଶ୍ୱର,(ଜା.ପ୍ର): ଏକ ତରଫା ପ୍ରେମର କରୁଣପରିଣତି ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଜଲ୍ଲାଦ ଯୁବକର ନାରକୀୟ କାଣ୍ଡକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି। ଜଣେ ୨୬ ବର୍ଷୀୟ ଯୁବତୀ ଗତକାଲି ରାତିରେ ଘରେ ଶୋଇଥିଲେ। ପ୍ରବଳ ଗରମ ଯୋଗୁଁ ଘରର ଝରକା ଖୋଲା ଥିଲା। ଝରକା ଖୋଲା ଥିବାର ସୁଯୋଗ ନେଇ ଅଧରାତିରେ ଯୁବକ ଜଣକ ପହଞ୍ଚି ଥିଲା। ପ୍ରେମ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିବା ଯୁବତୀଙ୍କ ଉପରେ ହତାସ ପ୍ରେମିକ ପେଟ୍ରୋଲ ଢାଳିବା ପରେ ନିଆଁ ଲଗାଇ ଦେଇଥିଲା। ସୁନ୍ଦରଗଡ଼ ଜିଲ୍ଲା ବିଶ୍ରାର ସନ୍ତୋଷପୁର ଅଞ୍ଚଳରେ ଘଟିଥିବା ଏହି ଅମାନବୀୟ ଘଟଣା ଯୋଗୁଁ ଯୁବତୀଙ୍କ ଶରୀରର ୭୦ ପ୍ରତିଶତ ଜଳି ଯାଇଛି। ପେଟ୍ରୋଲ ନିଆଁରେ ଜଳି ଯାଇଥିବା ଯୁବତୀଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମ୍ବଲପୁର ଜିଲ୍ଲା ବୁର୍ଲାସ୍ଥିତ ଭୀମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ପରେ ଯୁବତୀଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାକୁ ନେଇ ବିଶ୍ରା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ସମ୍ପୃକ୍ତ ଯୁବକ ଜଣକ ଗିରଫ ହୋଇଥିବା ସୂଚନା ମିଳିଛି। ତେବେ ପ୍ରକୃତରେ ଏହା ପଛରେ କିଏ ଅଛି, ପ୍ରେମ ପ୍ରତ୍ୟାଖ୍ୟାନ ହିଁ କାରଣ ନା ଅନ୍ୟ କୌଣସି ଷଡ଼ଯନ୍ତ୍ର, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ।

ଜାତୀୟ ଚେତନା
JATIYA CHETANA





# ଜେନି

କୋରାପୁଟର ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ବାଇଶି ବର୍ଷର ଚାକିରି ଶେଷ କରିଛନ୍ତି ପାପା। ପରେ ମୋର ବଦଳି ହେଲା ଖୋର୍ଦ୍ଧା ଜିଲ୍ଲାର ବାଗ୍‌ପୁର ମହାବିଦ୍ୟାଳୟକୁ। ଛୋଟ ସହରର ସେଇ ମାଟି ସହିତ ମାତ୍ର କେଇଦିନରେ ଗୋଟେ ନୂଆ ପରିବେଶରେ ଅଭ୍ୟସ୍ତ ହେବାକୁ ପଡ଼ିଲା। ସ୍ୱାଭାବିକ ଭାବରେ ଏଠାକାର କୁକୁରଟିଏ ହିଲିହିଲି ଲାଙ୍ଗୁଡ଼ ଆଉଜାଇ ବାହାରି ଆସିଲା। କୁକୁର ପ୍ରତି ମୋର ପ୍ରଥମରୁ ହିଁ ଏକ ଦୁର୍ବଳତା ଥାଏ; କାରଣ ମୋ' ପାପା ସବୁବେଳେ ଘରେ କୁକୁର ରଖନ୍ତି। ଭୁବନେଶ୍ୱରରେ ପାଠ ପଢୁଥିବା ଝିଅ ସହିତ ରାତିରେ କଥାବାର୍ତ୍ତା ବେଳେ ଆମ ପରିବାରର ସଦସ୍ୟମାନେ ଏକାଠି ବସୁଥିଲେ। କାଳେ ଏମିତି କୁକୁରଟିଏ ମୁଁ ନେଲେ ଅନ୍ୟମାନଙ୍କର ପସନ୍ଦ ହେବ କି ନାହିଁ ଭାବି ମୁଁ ଘରକୁ ଫୋନ୍ କଲି। ମୋ' ପୁଅ, ଝିଅ, ପୁତୁରା ସମସ୍ତେ ଖୁସିରେ ବିଭୋର ହେଲେ ଏବଂ ତାକୁ ନେବା ପାଇଁ ଜିଦ୍ ଧରିଲେ। ସ୍ୱାମୀ କିଛି କହିଲେ ନାହିଁ, କିନ୍ତୁ ପିଲାଙ୍କ ସ୍ୱୀକୃତି ପରେ ତାଙ୍କ ମତାମତର ଆଉ ଅଧିକ ପ୍ରୟୋଜନ ନଥିଲା। ତା' ପର ଦିନ ମୁଁ କୁକୁରଟିକୁ ନେଇ ଭୁବନେଶ୍ୱର ଫେରିଲି।

ସୁନ୍ଦର ଲାଲ୍‌ଚୁଆ ଆଖି, ସମ୍ପୂର୍ଣ୍ଣ ଧଳା ରଙ୍ଗ ଭିତରେ ସାମାନ୍ୟ ମାଟିଆ ଚିହ୍ନ ତା'ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିଲା। ବେକ ଚାରିପଟେ ସିଂହର କେଶର ପରି କୁଞ୍ଚୁକୁଞ୍ଚିଆ ଲୋମ ସାଙ୍ଗକୁ ଥରୁଥିବା ଗୋଲାପୀ ପଲକ ସମସ୍ତଙ୍କୁ ମୋହିତ କରୁଥିଲା। ତାକୁ ନ ଦେଖିଥିବା ବ୍ୟକ୍ତି ସହଜରେ ତା'ର ସୌନ୍ଦର୍ଯ୍ୟକୁ ଅନୁମାନ କରିପାରିବେନି। ତା'ର ଗୃହପ୍ରବେଶ ପରଠାରୁ ସ୍ୱାମୀ ଓ ପିଲାଙ୍କ ଆନନ୍ଦରେ ଘରର ପରିବେଶ ଉତ୍ସବମୁଖର ହୋଇ ଉଠିଲା। ସେ ଯେତେବେଳେ ଶୋଇବା ଘରସାରା ବୁଲୁଥିଲା, ପିଲାମାନଙ୍କ ମୁହଁରେ ଅପୂର୍ବ ଖୁସିର ଝଲକ ଆମେ ଅନୁଭବ କରୁଥିଲୁ। ପିଲାଙ୍କ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଗଲା ସେ। ସେଇ ଛୋଟିଆ ଜୀବଟି କେତେବେଳେ ଆମ ପୋର୍ଚ୍ଚରୁ ନେଇ ଭିତର ଘର ପର୍ଯ୍ୟନ୍ତ ସବୁଠି ଆମ ଅଜାଣତରେ ଆମ ଜୀବନର ଅଂଶ ପାଲଟିଗଲା, ତାହା ବୁଝି ହେଲାନି। ପୁଅ, ଝିଅ ଓ ପୁତୁରା ସମସ୍ତେ ତା' ପାଇଁ ଅଲଗା ଅଲଗା ନାଁ ବାଛୁଥିଲେ। ଶେଷରେ ମୁଁ ତା' ନାଁ ଦେଲି 'ଜେନି'।

ଏ ଭିତରେ ଅତିକ୍ରାନ୍ତ ହୋଇଛି ପାଞ୍ଚ ବର୍ଷ। ଜେନି ବିନା ଜୀବନ ଆମ କଳ୍ପନା ବାରେ। ମୁଁ ମଧ୍ୟ ବଦଳି ହୋଇ ଭୁବନେଶ୍ୱର ଚାଲିଆସିଲି। ଜେନି ପାଇଁ ଆମେ ସମସ୍ତେ ହୋଇଯାଇଥିଲୁ ମାମା, ପାପା, ନାନା, ଭାଇ। ଆମ ପରିବାରର ସବୁଠାରୁ ଗୁଣୀ, ଗେହ୍ଲା ଆଉ ନିଜର ହକ ଜାହିର କରୁଥିବା ଜେନି ପାଲଟିଗଲା ଆମର ସାନ ଝିଅ। ପାପା ଚାକିରିରୁ ଅବସର ନେଇଥାନ୍ତି। ସମସ୍ତଙ୍କର ସ୍ନେହ ତା' ପ୍ରତି ଥିଲା ସ୍ୱତନ୍ତ୍ର, କିନ୍ତୁ ପୁଅ ପାଇଁ ସେ ଥିଲା ସବୁକିଛି। ତା'ର ଭୁକିବାର ବିଭିନ୍ନ ଶୈଳୀରୁ ଆମେ ଜାଣିପାରୁଥିଲୁ ସେ କ'ଣ ଚାହୁଁଛି। ସାଧାରଣ କୁକୁରମାନଙ୍କ ପରି ସେ କେବେ ବି କୌଣସି କୋଣରେ ବସି ରହେନାହିଁ। ଆମିଷ ରୋଷେଇ ହେଲେ ତା' ପାଇଁ ଖାସ୍ ଖାଇବାର ବ୍ୟବସ୍ଥା ହୁଏ। ଯେଉଁଦିନ ସେ ନଖାଏ, ସେଦିନ ସମସ୍ତେ ଭାରି ଚିନ୍ତିତ ଓ ବ୍ୟାକୁଳ ହୋଇପଡ଼ନ୍ତି। ନିଜର ଭାବ ବ୍ୟକ୍ତ କରିବାର ଅପୂର୍ବ କଳା ମୁଁ ଜେନିଠୁ ଶିଖିଛି ବୋଲି ଭାବିଲେ ଭୁଲ୍ ହେବନି। ତାର ଗୋଟିଏ ସମସ୍ୟା ଥିଲା, ସେ ନିଜେ କିଛି ଖାଏନାହିଁ, ତାକୁ ଖୁଆଇବାକୁ ପଡ଼େ। ପିଲାବେଳେ ଦିନେ କି ଦୁଇ ଦିନ ପର୍ଯ୍ୟନ୍ତ ସେ କିଛି ନଖାଇବାରୁ ତାକୁ ପଶୁ ଚିକିତ୍ସାଳୟ ନେବାକୁ ପଡ଼ିଥିଲା। ତା' ପରଠାରୁ ତା'ର ଖାଦ୍ୟ ଶୈଳୀ ସ୍ୱତନ୍ତ୍ର ଥିଲା। ଦିନକୁ ଦୁଇଥର କ୍ଷୀର ଓ ଭାତ। ଛୋଟ ପିଲାପରି ଆଦର କରି ତାକୁ ଶୁଆଇବା ଆମର ମୁଖ୍ୟ ଦାୟିତ୍ୱ ହୋଇଗଲା। ରାତିରେ ବୁଲିବାକୁ ଗଲାବେଳେ ପାପାଙ୍କ ଛଡ଼ା ସେ ଆଉ କାହା ସହିତ ଯିବାକୁ ଇଚ୍ଛା କରେନି। କେବଳ ସେତିକିବେଳେ ଜେନିର ବେକରେ ଶିକୁଳି ବ୍ୟବହାର ହୁଏ, ବାକି ସବୁବେଳେ ସେ ସମ୍ପୂର୍ଣ୍ଣ ଖୋଲା। ରୋଷେଇ ଘର ଓ ଠାକୁର ଘରକୁ ଛାଡ଼ିଦେଲେ ଘରର ଅନ୍ୟ ସବୁ କୋଣରେ ତା'ର ସମ୍ପୂର୍ଣ୍ଣ ଅଧିକାର ଥିଲା।

ସ୍ନେହ ଓ ଶ୍ରଦ୍ଧାର ଶିକୁଳି ଖୁବ୍ ଶକ୍ତ। ସେଇ ଆକର୍ଷଣରେ ଟାଣି ହୋଇ ପରିବାରର ପ୍ରତ୍ୟେକ ସଦସ୍ୟ କର୍ମସ୍ଥଳୀରୁ ଫେରିଲାବେଳେ ଜେନିକୁ ଟିକେ ନଦେଖିଲେ ରହିପାରନ୍ତିନି। ଜେନି ବି ସମସ୍ତଙ୍କୁ ଅତି ଆତ୍ମୀୟତାର ସହିତ ସ୍ୱାଗତ କରେ। ଆମେ ବାହାରକୁ ଯିବାପାଇଁ ପ୍ରସ୍ତୁତ ହେଲେ ସେ ଜାଣିପାରେ। ଆମେ ଘରକୁ ଫେରିବା କ୍ଷଣି ସେ ଆନନ୍ଦରେ ଆମ ଉପରକୁ ଡେଇଁପଡ଼େ, ଯାହା ଦ୍ୱାରା ଆମେ ଆମର ସବୁ କ୍ଲାନ୍ତି ଭୁଲିଯାଉ। ପିଲାମାନେ ବାହାରୁ ଫେରିବା ବାଟରେ ଆକୁଳ ହୋଇ ଭାବନ୍ତି- ଜେନି ଏବେ କ'ଣ କରୁଥିବ? ଜେନି କିନ୍ତୁ ସମସ୍ତଙ୍କର ଫେରିବା ସମୟ ଜାଣି, ସେମାନେ ଆସିବା ପୂର୍ବରୁ ଗେଟ୍ ପାଖକୁ ଯାଇ ଅପେକ୍ଷା କରିଥାଏ।

କିନ୍ତୁ ସେହି ଅପେକ୍ଷା ଦିନେ ଆମ ପାଇଁ କେବଳ ଅପେକ୍ଷାରେ ହିଁ ରହିଗଲା। ପିଲାମାନେ ବାହାରେ ପାଠ ପଢ଼ିଲେ, ଚାକିରି କଲେ ଏବଂ ବାହାରକୁ ଚାଲିଗଲେ। ଝିଅ ବି ବାହାରେ ଚାକିରିରେ ଯୋଗଦେଲା। ଘରେ ରହିଲୁ ପୁଅ, ଜେନି, ମୁଁ ଏବଂ ତା' ପାପା। ପୁଅ ଘରେ ଥିବାବେଳେ ଜେନି ତା' ପାଖେ ପାଖେ ଥାଏ, ଆଗ ଦୁଇ ଗୋଡ଼ରେ ତା' ବେକକୁ ଛନ୍ଦି କାନ୍ଧରେ ଆଉଜି ବସେ। ଯଦି କେବେ ଜେନି କିଛି ଭୁଲ୍ କରିଥାଏ, ତେବେ ଗାଳି ଶୁଣିବା ଭୟରେ ସେ କାନ୍ଦିବା ପରି ମୁହଁ କରି ପୁଅ ପଛରେ ଲୁଚିଯାଏ। ପୁଣି ଟିକେ ଆଦର କଲେ ତରଳିଯାଏ। ଦିନେ ଜେନିର ଦେହ ଖରାପ ହେଲା। ସେ ନଖାଇବାରୁ ମୁଁ ବ୍ୟଗ୍ର ହୋଇ ମୋର ମାତୃତ୍ୱର ସ୍ନେହ ଦେଖାଇଲି ଏବଂ ପାପା ମଧ୍ୟ ତା'ର ଯତ୍ନ ନେଲେ। ପିଲାପରି ଆଖି ମିଟିମିଟି କରି ଅପରାଧୀ ପରି ସେ ସବୁ କଷ୍ଟ ସହିଯାଉଥିଲା। ଟିକେ ସେବା ପାଇବା ପରେ ପୂର୍ଣ୍ଣ ସ୍ୱାଭାବିକ ହୋଇଯାଉଥିଲା। ପୂର୍ବରୁ ତା' ଦେହ କେବେ ଏମିତି ଖରାପ ହୋଇନଥିଲା। ବାହାରେ ବର୍ଷାର ତାଣ୍ଡବ ଆରମ୍ଭ ହୋଇଯାଇଥାଏ, ଆଉ ଜେନି ଭିତରେ ଜୀବନ ସହ ସଂଗ୍ରାମ ଚାଲିଥାଏ। ପ୍ରକୃତି ବି ସେଦିନ ବୋଧହୁଏ ଅଶାନ୍ତ ହୋଇଯାଇଥିଲା। ଉଦ୍‌ବେଗରେ ପୁଅ ଓ ଝିଅ ଫୋନ୍ କରି ତା' କଥା ବୁଝୁଥିଲେ। ବିଚିତ୍ର କଥା, ତା'ର ଅବସ୍ଥା ଦେଖି ସେଦିନ ରାତିରେ ସମସ୍ତେ ନଶୋଇ ତାକୁ ଜଗି ବସିଲୁ। ରାତି ବଢ଼ିବା ସହିତ ଆମର ଆଶଙ୍କା ବଢୁଥାଏ। ପ୍ରଥମେ ପୁଅ ତାକୁ ଜଗିଲା, ତା'ପରେ ମୁଁ ଏବଂ ମୋ' ପରେ ତା' ପାପା।

ଜୁଲାଇ ୧୪ ତାରିଖ, ଶନିବାର ସକାଳ। ସେ ପର୍ଯ୍ୟନ୍ତ ଜେନି ଅପେକ୍ଷା କଲା। ପୁଅ ସକାଳୁ ପଶୁ ଚିକିତ୍ସାଳୟର ଡାକ୍ତରଙ୍କ ସହିତ ଟେଲିଫୋନ୍‌ରେ ସମ୍ପର୍କ କରି ଜେନିକୁ ନେବା ପାଇଁ ସ୍ଥିର କଲା। ଜେନିକୁ ଗାଡ଼ିରେ ନେବାପାଇଁ ପ୍ରସ୍ତୁତ ହେଲାବେଳେ ଡାକ୍ତର ଫୋନ୍ କଲେ- 'ହଠାତ୍ ଗୋଟେ ଜରୁରୀ କାମ ପଡ଼ିଲା, କିଛି ସମୟ ପରେ ଆସନ୍ତୁ।' ପରେ ପାପାଙ୍କ ସହିତ ପୁଅ ତାକୁ ନେଇ ଚିକିତ୍ସାଳୟକୁ ଗଲା। ମାତ୍ର ଡାକ୍ତର ସେତେବେଳ ପର୍ଯ୍ୟନ୍ତ ଫେରିନଥିଲେ। ସକାଳ ଆଠଟା ତିରିଶରେ ପୁଣି ଜେନିକୁ ନେଇ ପଶୁ ଡାକ୍ତରଖାନା ଯିବାକୁ ପଡ଼ିଲା। ସେଠାରେ ସମ୍ପୂର୍ଣ୍ଣ ଶୁନ୍‌ଶାନ ପରିବେଶ। ଜେନି ପରି ନିରୀହ ଜୀବମାନଙ୍କୁ ମାନବ ସମାଜର ଦୟା ଓ ସମୟକୁ ଅପେକ୍ଷା କରିବାକୁ ପଡ଼େ। ନିରାଶ ହୋଇ ସେମାନେ ଘରକୁ ଫେରିଲେ। ମୁଁ ବାହାର ପିଣ୍ଡାରେ ଛିଡ଼ା ହୋଇଥିଲି। ଅବସାଦଭରା ଆଖିରେ ମୋତେ ଚାହିଁଲା ଜେନି। ମୁଁ ତାକୁ ଆଉଁଶି ଦେଲି ଏବଂ କହିଲି-ମୁଁ ଅଫିସରୁ ଆସିବା ବେଳକୁ ତୁ ଡାକ୍ତରଖାନାରୁ ଭଲ ହୋଇ ଫେରିଥିବୁ ଏବଂ ଗେଟ୍ ପାଖରେ ବସିଥିବୁ। ମୁଁ ଯିବାପାଇଁ ଗେଟ୍ ପାଖରେ ଛିଡ଼ା ହେଲି। ସେ ଆଖି ଦୁଇଟାରେ ଅତି ବିକଳ ହୋଇ ଚାହିଁଲା। ବୋଧେ କହୁଥିଲା, "ମାମା ଆଜି ଯାଅନା, ମୋତେ ଛଡ଼ାଛଡ଼ି କରି ଯାଅନାହିଁ।" ମାୟାବୀ ସଂସାରର ମୋହରେ ଥାଇ ବି ମୁଁ କେମିତି କେଜାଣି ତା'ର ସେହି ଶେଷ ଅକୁଳତାକୁ ବୁଝିପାରିଲିନି।

ଦିନ ଦଶଟାରେ ଡାକ୍ତର ଦେଖିଲେ ଜେନିକୁ। ତା'ର ଗୁରୁତର ଅବସ୍ଥା ଦେଖି ନିର୍ଦ୍ଦେଶ ଦେଲେ- ଜଣେ ରକ୍ତ ପରୀକ୍ଷା ଲାଗି ଯାଆନ୍ତୁ ଏବଂ ଅନ୍ୟ ଜଣେ ଇଞ୍ଜେକ୍ସନ ଓ ସିରିଞ୍ଜ ନେଇ ଆସନ୍ତୁ। ଜେନି ଜାଣିଥିଲା ଏମିତି ଅସୁସ୍ଥ ଅବସ୍ଥାରେ ତାକୁ ଏକା ଛାଡ଼ି ପାପା କେବେ ବି ଯିବେନି। ପାପା ପାଗଳଙ୍କ ପରି ବାହାରକୁ ଦୌଡ଼ିଗଲେ ଔଷଧ ଆଣିବା ପାଇଁ। ସିରିଞ୍ଜ ଆଣି ତା'ର ରକ୍ତ ନେଇ ପରୀକ୍ଷା କରାଗଲା। ଗଲାବେଳେ ଜେନି ପାପାଙ୍କୁ ଚାହୁଁଥିଲା ଏବଂ ପାପା ମଧ୍ୟ ଅତି ଆଦରରେ ତାକୁ ଆଉଁଶି ଦେଉଥିଲେ। ଜେନି ବୋଧହୁଏ ମନେ ମନେ କହୁଥିଲା- "ମୁଁ ତୁମକୁ ଆଉ ବେଶି କଷ୍ଟ ଦେବିନି, ତୁମେ ବ୍ୟସ୍ତ ହୁଅନା...।" ପାପାଙ୍କ ହାତ ପାପୁଲିରେ ମୁହଁ ରଖି ଜେନି ନିଶ୍ଚଳ ଆଖିରେ ଚାହିଁ ରହିଥିଲା। ସମସ୍ତଙ୍କ ଭିତରେ ଜେନିକୁ ପୁଅ ବହୁତ ଭଲପାଏ, କିନ୍ତୁ ଜେନି ସବୁଠୁ ବେଶି ଭଲପାଏ ପାପାକୁ। ପାପାଙ୍କ ଉପରେ ତାର ଅଗାଧ ଭରସା ଥିଲା। ବୋଧହୁଏ ସେ ଶେଷ ସମୟରେ କହୁଥିଲା—"ପାପା, ମୋତେ ତୁମେ କେବେ କୁକୁର ଭାବିନି। ସମସ୍ତେ କହନ୍ତି ଜେନି ଆ... ତୁମେ କହୁଥିଲ ଜେନି ଆସ, ଏଠି ବସ, ପେପର ପଢ଼ିବା।" ଏହିପରି ପାଞ୍ଚ ବର୍ଷର ଆୟୁଷ ଭିତରେ ସେ କେବେ ଗାଳି ଶୁଣିନଥିଲା। ବିକଳ ଥିଲା ଜେନିର ସେହି ଶେଷ ଚାହାଣି। ହଠାତ୍ ଜିଭ ବାହାର କରି ଦେଇ ସେ ସାମାନ୍ୟ ମୋଡ଼ିହେଲା... ତା'ପରେ ସବୁ ନିଶ୍ଚଳ ହୋଇଗଲା। ଡାକ୍ତର ଆସି ପରୀକ୍ଷା କରି କହିଲେ—ସେ ଆଉ ନାହିଁ। ପାପା ଏକଥା ସହଜରେ ଗ୍ରହଣ କରିପାରିଲେନି। ଅଶ୍ରୁରୁଦ୍ଧ କଣ୍ଠରେ କହିଲେ-ଆପଣ ଟିକେ ଷ୍ଟେଥୋ ପକାଇ ଦେଖନ୍ତୁ। ଡାକ୍ତର ଦେଖିଲେ, ସେଇ ଏକା ଉତ୍ତର—ସେ ଆଉ ନାହିଁ। ସେତିକି ବେଳେ ଝିଅର ଫୋନ୍ ଆସିଲା—"ପାପା, ଜେନି କେମିତି ଅଛି?" ପାପାଙ୍କ ଉତ୍ତର ଥିଲା, "ଜେନି ଶୋଇଛି...।" ପୁଅ ପାଖରେ ମାଟି ଅତିଶୟ ଆପଣାର ଲାଗୁଥିଲା। ବର୍ଷାରେ ଶ୍ୟାମଳ ହୋଇ ରହିଥିବା ମାଟି କୋଳକୁ ଚାଲିଗଲା ଜେନି। ଜେନି ଶେଷ ପର୍ଯ୍ୟନ୍ତ ଆମ ପାଇଁ ସେମିତି ଜେନି ହୋଇ ରହିଗଲା। ନିଶ୍ଚୟ ଜେନି ପଶୁ ଡାକ୍ତରଖାନା ଗଲାବେଳେ ଗାଡ଼ି ଉପରକୁ ଦୁଇ ଗୋଡ଼ ଟେକି ବସିବାକୁ ଭଲ ପାଉଥିଲା। ସବୁବେଳେ ସାରା ଘରେ ବିଜୁଳି ପରି ବୁଲି ଚିଡୁଚି ଭଳି ଡିଆଁ ମାରୁଥିବା ଜେନି ଶେଷ ସମୟରେ କେବଳ ନିଶ୍ଚଳ ହୋଇ ଗୋଟିଏ ଜାଗାରେ ପଡ଼ି ରହିଲା। ମୁଁ ରୋଷେଇ କଲାବେଳେ ରୋଷେଇ ଘର ଦୁଆର ମୁହଁରେ ଆଗ ପାଦ ଦି'ଟା ଥୋଇ ଶୋଇବା ହେଉ ବା ସୋଫା ଉପରେ ସିଂହବଲୋକନ ମୁଦ୍ରାରେ ବସିବା ହେଉ, ସବୁକିଛି ଥିଲା ଅତି ଆକର୍ଷଣୀୟ ଓ ଆନନ୍ଦଦାୟକ। ଏ ଆନନ୍ଦ କିନ୍ତୁ ଆମ ପାଇଁ କ୍ଷଣସ୍ଥାୟୀ ହୋଇଗଲା। ଜୁଲାଇ ୧୪ ତାରିଖ ଶୁକ୍ରବାର ସନ୍ଧ୍ୟାବେଳେ ପୁଅ ତାକୁ ଶୁଆଇ ସାରିଲା ପରେ ସେ ପାଟି ଧୋଇବାକୁ ପାଣି କୁଣ୍ଡ ପାଖକୁ ସବୁଦିନ ପରି ଗଲା। ପାଣି ପିଇବା ପୂର୍ବରୁ ଜେନି ହଠାତ୍ ସେଇଠି ଚିତ୍କାର କଲା। ଜିଭ ବାହାର କରି ନିଶ୍ଚଳ ହେବା ସହିତ ପରିସ୍ରା ବି କରିଦେଲା। ପୁଅ ସଙ୍ଗେ ସଙ୍ଗେ ତା' ପାପାଙ୍କୁ ଫୋନ୍ କଲା। ସେ ବି ଜେନି କଥା ଶୁଣି ବ୍ୟସ୍ତ ହୋଇ ଦୌଡ଼ି ଆସିଲେ। ସେତେବେଳକୁ ଅବଶ୍ୟ ଜେନି ପୁଣି ସ୍ୱାଭାବିକ ଢଙ୍ଗରେ ଚଲାବୁଲା କଲା। ତଥାପି ଦିନ ଗୋଟାଏରେ ପଶୁ ଡାକ୍ତରଖାନାକୁ ପୁଅ ଏବଂ ତା' ପାପା ତାକୁ ନେଇଗଲେ। ସେମାନେ ଅସହାୟ ଅନୁଭବ କଲେ ଯେତେବେଳେ ଦେଖିଲେ, ସେଠି ଆମ ଜେନି ପରି ଛୁଆକୁ ତୁରନ୍ତ ଦେଖିବାକୁ କୌଣସି ଡାକ୍ତର ନାହାନ୍ତି। ପୁଅ ଜେନିକୁ ଧରି କ୍ୟାମ୍ପସ ସାରା ଖୋଜି ବୁଲିଲା ଡାକ୍ତରଙ୍କୁ। ଶେଷରେ ଜଣେ ଡାକ୍ତରଙ୍କ ଦେଖା ମିଳିଲା। ପାପା ଡାକ୍ତରଙ୍କୁ ଦେଖାକରି ଜେନିର ଅବସ୍ଥା ଓ ଘଟିଥିବା ଘଟଣାର ଲକ୍ଷଣ ସବୁ କହିଲେ। ଅନୁରୋଧ କଲେ, 'ଆପଣ ଟିକେ ତାକୁ ଦେଖନ୍ତୁ।' ଡାକ୍ତର କହିଲେ, "ତା'ର ବିଶେଷ କିଛି ହୋଇନି, ସେ ତ କାନ ଠିଆ କରିଛି। ତଥାପି ବର୍ତ୍ତମାନ ଦେଖିବା ସମୟ ନୁହେଁ, ଆସନ୍ତା ଚାରିଟା ବେଳେ ଆଣି ଆସିବେ।" ପାପା ଅନୁରୋଧ କଲେ, 'ମୁଁ ତା' ଅବସ୍ଥା ଦେଖି ଅତିଷ୍ଠ ହୋଇ ଆସିଛି। ସେ ସିରିୟସ ଅଛି। ଦୟାକରି ଟିକେ ଆପଣ ଦେଖନ୍ତୁ।' ଡାକ୍ତର ବିରକ୍ତିର ସହ କହିଲେ, 'ଆପଣଙ୍କ ପାଇଁ ସିରିୟସ୍ ହୋଇପାରେ, ମୋ' ପାଇଁ ନୁହେଁ।' ଏଭଳି କଥା ଶୁଣି ନିରାଶ ଆଖିରେ ଡାକ୍ତରଙ୍କୁ ଚାହିଁଥିଲା ଜେନି। ବୋଧହୁଏ ଭାବୁଥିଲା ଦିନ ଗୋଟାଏରୁ ସନ୍ଧ୍ୟା ଚାରିଟା ପର୍ଯ୍ୟନ୍ତ ମୋ' ଜୀବନ କ'ଣ ଅପେକ୍ଷା କରିବ? ମୋ' ଭିତରେ ବି ଗୋଟେ ପ୍ରାଣ ଅଛି। ମୋତେ ଜଣେ ଜୀବ ନଭାବି କେବଳ ପଶୁଟିଏ କିମ୍ବା କୁକୁରଟିଏ ଭାବିନେଲେ! କୁକୁର କହିଲେ ପୁଅ ବିରକ୍ତ ହୁଏ, କାରଣ ତା' ପାଇଁ ସେ କୁକୁର ନଥିଲା, ତା' ନାଁ ଥିଲା 'ଜେନି'। ନିୟମକୁ ପାଥେୟ କରି ଚାରିଟା ପର୍ଯ୍ୟନ୍ତ ଅପେକ୍ଷା କଲା ଜେନିର ଜୀବନ। ତା'ପରେ ଡାକ୍ତର ତାଙ୍କର ଜଣେ ଛାତ୍ରକୁ ନିର୍ଦ୍ଦେଶ ଦେଲେ ଡିହାଇଡ୍ରେସନ ଅଛି କି ନାହିଁ ଦେଖିବା ପାଇଁ। ଛାତ୍ରଟି ନିର୍ଦ୍ଦେଶ ପାଳନ କରି 'ନାହିଁ' ବୋଲି ଶୁଣାଇଦେଲା। ଗୋଟିଏ ଇଞ୍ଜେକ୍ସନ ଜେନିକୁ ଦିଆଗଲା ଏବଂ ଘରକୁ ଫେରି ଭିଟାମିନ୍ ସିରପ ଦେବାକୁ କୁହାଗଲା। ପରିତାପର ବିଷୟ, ଚିକିତ୍ସା କରୁଥିବା ଡାକ୍ତର ଜେନି ପାଖକୁ ନିଜେ ଆସିଲେନି କି ତାକୁ ଟିକେ ଭଲଭାବେ ଦେଖିଲେନି।

ମାଟିର ଦୂର ରାସ୍ତା, ବର୍ଷା ପାଣି ଓ ଆଖିର ଲୁହ ଯୋଗୁଁ ସବୁକିଛି ଅସପଷ୍ଟ ଦେଖାଯାଉଥିଲା। ସେତିକି ରାସ୍ତା ପୁଅ କେମିତି ତା'ର ଜଡ଼ ଶରୀରକୁ ଧରି ଆସିଛି, ଏବେ ଭାବିଲେ ବି ଆଶ୍ଚର୍ଯ୍ୟ ଲାଗେ। ଘରେ ଜେନିର ମୃତଦେହ ପହଞ୍ଚିବା ପର୍ଯ୍ୟନ୍ତ ଆମର ଧୈର୍ଯ୍ୟ ଥିଲା, ହେଲେ ଜେନିକୁ ସେମିତି ଦେଖିଲା ପରେ ମୁଁ ନିଜକୁ ସମ୍ଭାଳି ପାରିଲିନି। ନିଜକୁ ଆୟତ୍ତ କରିନପାରି ତଳେ ବସି କାନ୍ଦି କାନ୍ଦି ଲୋଟିଗଲି। ପାପା ବୁଝାଉଥିଲେ-ଜେନିକୁ ଧରିବେ ନା ପୁଅକୁ ଉଠେଇବେ। ଘରଲୋକ ବୁଝେଇଲେ, ନିଜକୁ ସମ୍ଭାଳ, ଉଠିଯାଅ।

ଜେନି ଏବେ ସ୍ୱର୍ଗଲୋକରେ। ଡାକ୍ତରଖାନାରୁ ଫେରିଲା ତା'ର ଜଡ଼ ଶରୀର। ଆମ ଘର ଡାହାଣ ପଟେ ଆଉ ଗୋଟେ କୁକୁର ରହେ, ବାଆଁ ପଟେ ରହେ 'ହାନି'। ବେଳେବେଳେ ଆମେ ଏ ଦୁଇଜଣଙ୍କୁ ଆଦର କରିଦେଲେ ଆମ ଜେନିର ତାଙ୍କ ଉପରେ ଭାରି ରାଗ ହୁଏ। ସେ ବେଶୀ ଭୁକିଲେ ପାପା କହୁଥିଲେ "ଜେନି ତଣ୍ଟି ବସିଯିବ ପରା, ଏତେ ଭୁକନା।" ମୁଁ ହସୁଥିଲି। ଫେରିଲା ବେଳେ ପୁଅ ଭାବୁଥାଏ- ମୁଁ ତୋତେ ଆଉ ଚକଲେଟ ଦେଖାଇ ଚିଡ଼େଇବିନି, କାଗଜ ଗୁଡ଼େଇ ବିରକ୍ତ କରିବିନି, ତୋତେ "ଗାଧୁ କରିବା ଚାଲ" କହି ଜୋର ଜବରଦସ୍ତ ଗାଧୋଇ ଦେବିନି। ତୁ ଉଠିଯା'... କିନ୍ତୁ ଜେନି ସମ୍ପୂର୍ଣ୍ଣ ଶାନ୍ତ ଥିଲା।

ଜେନି ପାଇଁ ଆମ ଘର ଥିଲା ସ୍ୱର୍ଗ। କେବେ କେମିତି ଦିନେ ଅଧେ ପାଇଁ ବାହାରକୁ ଯାଇ ଜେନି ଯେତେବେଳେ ଘରକୁ ଫେରୁଥିଲା, ଖୁସିରେ ଘରସାରା ଦୌଡୁଥିଲା। କିନ୍ତୁ ସେଦିନ ଆଉ ଜେନିର ଦୌଡ଼ିବାର ନଥିଲା। ଏକ ଭୀଷଣ ଶୂନ୍ୟତା ମୋତେ ଅପେକ୍ଷା କରିଥିଲା ଜେନି ବସୁଥିବା ଗେଟ୍ ପାଖରେ। ଘରକୁ ଆସି ଜେନିର ନିଷ୍ପ୍ରଭ ଶରୀରକୁ ଯେତିକି କୋଳେଇ ନେଉଥିଲି, ଆଖିରୁ ସେତିକି ଲୁହ ଝରୁଥିଲା। ନିଜ ଭିତରେ ଧୀରେ ଧୀରେ ଏକ ଅପରାଧବୋଧ ଆସୁଥିଲା। କେବେ କେବେ ତାକୁ କ'ଣ ପାଇଁ ଗାଳି କରିଥିଲି, ବିରକ୍ତ ହୋଇଥିଲି ତା'ର ହିସାବ କରୁଥିଲି। ବେଳେବେଳେ ଗେଲ୍ଲାରେ ତାକୁ କହିଥିଲି— "ତୋତେ କ'ଣ ବୁଢ଼ୀ ହେଲା ଯାଏ ମୁଁ ଏମିତି ସେବା କରିବି?"

**ପ୍ରଭାମଞ୍ଜରୀ ପଟ୍ଟନାୟକ**
*ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ,*
*ଭୁବନେଶ୍ୱର*

ଜାତୀୟ ଚେତନା
JATIYA CHETANA



# ଆୟର୍ଲାଣ୍ଡର ଐତିହାସିକ ସିରିଜ୍ ବିଜୟ

ବେଲ୍‌ଫାଷ୍ଟ,(ଏଜେନ୍ସି): ଆୟର୍ଲାଣ୍ଡ ଇତିହାସ ରଚି ପ୍ରଥମ ଥର ଭାରତକୁ ଟି-୨୦ ସିରିଜ୍‌ରେ ହରାଇ ଦେଇଛି। ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଆୟୋଜକ ଟିମ୍ ଭାରତକୁ ୧ ରନ୍‌ରେ ହରାଇ ୨-୦ରେ ସିରିଜ୍ ନିଜ ନାମରେ କରିଛି। ଏହା ସହିତ ଭାରତୀୟ ଟିମ୍‌କୁ ପ୍ରାୟ ୩ ବର୍ଷ ପରେ ଟି-୨୦ ସିରିଜ୍‌ରେ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏହା ପୂର୍ବରୁ ୨୦୨୩ରେ ୱେଷ୍ଟଇଣ୍ଡିଜ୍ ୩-୨ରେ ହରାଇଥିଲା।



ଆୟର୍ଲାଣ୍ଡ୍ ପକ୍ଷରୁ ହ୍ୟାରୀ ଟେକ୍ଟର୍ ସର୍ବାଧିକ ଟିମ୍ ୪୮ ରନ୍‌ରେ ଶୀର୍ଷ ତିନି ୱିକେଟ୍ ହରାଇବା ପରେ ସେ ବେଞ୍ଜାମିନ୍ କାଲିଟ୍‌ଜ (୩୭ ରନ୍)ଙ୍କ ସହ ୬୫ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୦୦ ରନ୍ ପାର୍ କରାଇଥିଲେ। ବେଞ୍ଜାମିନ୍ କାଲିଟ୍‌ଜଙ୍କ ଆଉଟ୍ ପରେ ଟେକ୍ଟର ଛୋଟ ଛୋଟ ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୫୩ ରନ୍‌ରେ ପହଞ୍ଚାଇବା ପରେ ଶେଷ ଓଭର୍‌ରେ ହିଁ ଆଉଟ୍ ହୋଇଥିଲେ। ଟିମ୍ ୮ ୱିକେଟ୍‌ରେ ୧୫୪ ରନ୍ କରିଥିଲା। ଡେବ୍ୟୁଟାଣ୍ଟ୍ ପ୍ରିନ୍ସ ଯାଦବ ୩ଟି ୱିକେଟ୍ ନେଇଥିଲେ। ଅର୍ଶଦୀପ୍ ଓ ଶିଭମ୍ ଦୁବେଙ୍କୁ ୨-୨ ଏବଂ ହର୍ଷିତ ରାଣାଙ୍କୁ ଗୋଟିଏ ସଫଳତା ମିଳିଥିଲା। ଜବାବରେ ଭାରତ ୯ ୱିକେଟ୍ ବିନିମୟରେ ୧୫୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଟିମ୍‌ର ଦୁଇ ଓପ୍ନର୍ ସଞ୍ଜୁ ସାମ୍‌ସମ୍ ଓ ଅଭିଷେକ ଶର୍ମା ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭର୍‌ରେ ଜୟ ମୁଦ୍ରାଙ୍କ ଶିକାର ହୋଇଥିଲେ। ତିଳକ ବର୍ମା ସର୍ବାଧିକ ୫୫ ରନ୍ କରିଥିଲେ। ଆୟର୍ଲାଣ୍ଡ୍ ପକ୍ଷରୁ ଜୟ ମୁଦ୍ରା ଓ ମାଥ୍ୟୁ ହୋଲାର୍ଡ ୩-୩ ୱିକେଟ୍ ନେଇଥିବା ବେଳେ ମାଥ୍ୟୁ ହମ୍ପ୍ରେ ଓ ହ୍ୟାରୀ ଟେକ୍ଟର ୧-୧ ସଫଳତା ପାଇଥିଲେ। ଏହି ମ୍ୟାଚ୍‌ରେ ବି ଯୁବ ଭାରତୀୟ ଓପ୍ନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଡେବ୍ୟୁ କରିବା ସୁଯୋଗ ମିଳିନଥିଲା। ତେବେ ଫାଷ୍ଟ୍ ବୋଲର୍ ପ୍ରିନ୍ସ ଯାଦବ ଏବଂ ଅଲ୍‌ରାଉଣ୍ଡର୍ ସୂର୍ଯ୍ୟାଂଶ ଶେଗ୍‌ଡ଼େ ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ।

# ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବେ ନୀରଜ

ନୂଆଦିଲ୍ଲୀ, (ଏଜେନ୍ସି): ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋଅର୍ ନୀରଜ ଚୋପ୍ରା ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ଜାପାନର ଆଇଚି-ନାଗୋୟାରେ ହେବାକୁ ଥିବା ଏସିଆନ୍ ଗେମ୍ସ (ଏସୀୟ କ୍ରୀଡ଼ା)ରେ ଅଂଶଗ୍ରହଣ କରିବେ। ସେ ନିଜର ଟାଇଟଲ୍ ବଞ୍ଚାଇବା ପାଇଁ ପଡ଼ିଆକୁ ଓହ୍ଲାଇବେ। ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫ୍‌ଆଇ)ର ଚୟନ କମିଟି ଅଧ୍ୟକ୍ଷ ଆଦିଲ୍ ସୁମାରିୱାଲା ଶନିବାର ଏହା ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ରବିବାର ଦିନ ଭାରତୀୟ ଆଥଲେଟିକ୍ସ ଦଳ ଘୋଷଣା କରାଯିବ। ପ୍ରକାଶ, ୨୮ ବର୍ଷୀୟ ନୀରଜ ଚୋପ୍ରା ପିଠିର ଆଘାତ ସମସ୍ୟାରୁ ସୁସ୍ଥ ହୋଇଛନ୍ତି। ସେ ଦୋହା ଡାଇମଣ୍ଡ ଲିଗ୍‌ରେ ୮୫.୬୯ ମିଟର ଜାଭେଲିନ୍ ଫିଙ୍ଗି ଚତୁର୍ଥ ସ୍ଥାନ ହାସଲ କରିଥିଲେ। ସୁମାରିୱାଲା କହିଛନ୍ତି, 'ନୀରଜ କମନୱେଲଥ୍ ଗେମ୍ସ ଏବଂ ଏସିଆନ୍ ଗେମ୍ସ ଉଭୟରେ ଭାଗ ନେବେ। ସେ କ୍ୱାଲିଫାଏ କରିସାରିଛନ୍ତି ଏବଂ ବହୁତ ଶୀଘ୍ର ସୁସ୍ଥ ହେଉଛନ୍ତି। ସିଜନ୍‌ର ପ୍ରଥମ ମୁକାବିଲାରେ ହିଁ ୮୫.୬୯ ମିଟର ଫିଙ୍ଗିବା ଏକ ଚମତ୍କାର ପ୍ରଦର୍ଶନ ଅଟେ।'

# ପୁଣି ବିବାହ ବନ୍ଧନରେ ବାନ୍ଧିହେଲେ ହାର୍ଦ୍ଦିକ ପାଣ୍ଡ୍ୟା

ମୁମ୍ବାଇ(ଏଜେନ୍ସି): ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା କ'ଣ ନିଜ ଗର୍ଲଫ୍ରେଣ୍ଡ ମହିକା ଶର୍ମାଙ୍କୁ ବିବାହ କରିଛନ୍ତି ? ସୋସିଆଲ ମିଡିଆରେ ଏକ ନୂଆ ଫଟୋ ସାମ୍ନାକୁ ଆସିବା ପରଠାରୁ ହିଁ ଏହି ପ୍ରଶ୍ନ ସମସ୍ତଙ୍କ ମନରେ ଉଠୁଛି। ଅନେକ ୟୁଜର୍ସଙ୍କ ମତରେ ଦୁହେଁ ଚୁପଚାପ ବିବାହ କରିନେଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ଅଟକଳ ସେତେବେଳେ ଆରମ୍ଭ ହେଲା, ଯେତେବେଳେ ଏକ ଫଟୋ ଭାଇରାଲ ହେଲା। ଏହି ଫଟୋରେ ଲୋକଙ୍କ ନଜର ମାହିକାଙ୍କ ମଥାରେ ଲାଗିଥିବା ସିନ୍ଦୂର ଉପରକୁ ଯାଇଥିଲା, ଯେଉଁଥିରେ ସେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ପୋଜ ଦେଉଥିବାର ଦେଖାଯାଉଛନ୍ତି। ବୃଦ୍ଧା ଜଣକ ଦୁହିଁଙ୍କ ହାତ ଧରିଥିବାର ଦେଖିବାକୁ ମିଳିଛି। ଏହି ଫଟୋ ସାମ୍ନାକୁ ଆସିବା ପରେ ଅନେକ ୟୁଜର୍ସ ଅନୁମାନ କରିଛନ୍ତି ଯେ ଏହି ଫଟୋ କୌଣସି ବ୍ୟକ୍ତିଗତ ବିବାହ କିମ୍ବା ରୀତିନୀତି ପରର ହୋଇଥାଇପାରେ। ତେବେ ହାର୍ଦ୍ଦିକ କିମ୍ବା ମାହିକାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବୟାନ ଆସିନାହିଁ। ଦୁହିଁଙ୍କର ଏହି ଫଟୋ ସୋସିଆଲ ମିଡିଆରେ ଖୁବ ଦ୍ରୁତ ଗତିରେ ଶେୟାର ହେବାରେ ଲାଗିଛି। ଫ୍ୟାନ୍ସଙ୍କ ମତରେ ଦୀର୍ଘ ସମୟ ଧରି ଡେଟ କରିବା ପରେ ଏବେ ଦୁହେଁ ନିଜ ସମ୍ପର୍କକୁ ପରବର୍ତ୍ତୀ ପାଦକୁ ନେଇଛନ୍ତି। ହାର୍ଦ୍ଦିକ ଏବଂ ମହିକା ଜୀବନରେ ଏକ ନୂଆ ଆରମ୍ଭ କରିଛନ୍ତି।

## ଫିଫା ବିଶ୍ୱକପ୍ ୨୦୨୬

# ଗ୍ରୁପ୍ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଲା ଦୁଇ ଦୁଇ ଥରର ଚାମ୍ପିଅନ୍

ମେକ୍ସିକୋ,(ଏଜେନ୍ସି): ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍ ପର୍ଯ୍ୟାୟର ଅନ୍ୟତମ ହାଇଭୋଲ୍‌ଟେଜ୍ ମ୍ୟାଚ୍ ଖେଳାଯାଇଛି। ଏହି ମ୍ୟାଚ୍‌ରେ ୨ ଥରର ବିଶ୍ୱ ଚାମ୍ପିଅନ୍ ରହିସାରିଥିବା ଉରୁଗୁଏକୁ ୟୁରୋପିଆନ୍ ଚାମ୍ପିଅନ୍ ସ୍ପେନ୍ ୧-୦ରେ ପରାସ୍ତ କରିଛି। ଫଳରେ ଉରୁଗୁଏ ଭଳି ଶକ୍ତିଶାଳୀ ଦଳ ଚଳିତ ସିଜନ୍‌ର ଫୁଟବଲ୍ ବିଶ୍ୱକପ୍‌ର ଲିଗ୍ ଷ୍ଟେଜ୍‌ରୁ ବାଦ୍ ପଡ଼ିଛି। ଉରୁଗୁଏର ପ୍ରଦର୍ଶନ ଚଳିତ ସିଜନ୍‌ରେ ଆଦୌ ପ୍ରଶଂସନୀୟ ହୋଇନାହିଁ। ଟିମ୍ ଏହି ସିଜନ୍‌ରେ ଗୋଟିଏ ହେଲେ ବି ମ୍ୟାଚ୍ ଜିତିପାରି ନାହିଁ। ଅନ୍ୟପକ୍ଷେ ଶନିବାରର ମ୍ୟାଚ୍‌ରେ ସ୍ପେନ୍ ଏହାକୁ ପରାସ୍ତ କରିବା ସହ ଗ୍ରୁପ୍-ଏଚ୍‌ର ଶୀର୍ଷରେ ରହି ନକଆଉଟ୍ ରାଉଣ୍ଡରେ ପ୍ରବେଶ କରିଛି। ଏବେ ରାଉଣ୍ଡ ଅଫ୍-୩୨ରେ ସ୍ପେନ୍‌ର ମୁକାବିଲା ଗ୍ରୁପ୍-ଜେ'ର ରନର୍ସଅପ୍ (ଉପବିଜେତା) ଟିମ୍ ଅଷ୍ଟ୍ରିଆ କିମ୍ବା ଆଲଜେରିଆ ସହ ହେବ। ସ୍ପେନ୍ ପାଇଁ ମ୍ୟାଚ୍‌ର ଏକମାତ୍ର ଗୋଲ୍ ଆଲେକ୍ସ ବାଏନା ୪୨ତମ ମିନିଟ୍‌ରେ କରିଥିଲେ। ତାଙ୍କ ଶଟ୍‌କୁ ଉରୁଗୁଏର ଅଭିଜ୍ଞ ଗୋଲକିପର ଫର୍ଣ୍ଣାଣ୍ଡୋ ମୁସଲେରା ରୋକିପାରି ନଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୁସଲେରାଙ୍କର ଏହା ତୃତୀୟ ବଡ଼ ଭୁଲ୍ ଥିଲା। ୪୦ ବର୍ଷୀୟ ଗୋଲକିପର ଜଣକ ହାଫ୍‌ଟାଇମ୍‌ରେ ନିଜ ସ୍ଥାନରେ ଅନ୍ୟ ଖେଳାଳିଙ୍କୁ ଆଣିବା ପାଇଁ ଅନୁରୋଧ କରିଥିଲେ, ଯାହା ପରେ ଦ୍ୱିତୀୟ ହାଫ୍‌ରେ ସର୍ଜିଓ ରୋଚେଟ୍ ଗୋଲପୋଷ୍ଟ ସମ୍ଭାଳିଥିଲେ।

# ନକ୍‌ଆଉଟ୍‌ରେ ବିଶ୍ୱର ସବୁଠୁ ଛୋଟ ଦେଶ 'କେପ୍ ଭର୍ଡେ'

ମେକ୍ସିକୋ,(ଏଜେନ୍ସି): କେପ୍ ଭର୍ଡେ ଫୁଟବଲ୍ ୱାର୍ଲ୍ଡ କପ୍‌ର ନକଆଉଟ୍‌ରେ ପହଞ୍ଚିଥିବା ଦୁନିଆର ସବୁଠାରୁ ଛୋଟ ଦେଶ ସାଜିଛି। ଏହି ଦେଶ ତିନି ପଏଣ୍ଟ ସହ ନିଜ ଗ୍ରୁପ୍‌ର ଅନ୍ୟତମ ଦଳ ସ୍ପେନ୍ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। 'କେପ୍ ଭର୍ଡେ' ଗ୍ରୁପ୍ ଷ୍ଟେଜ୍‌ରେ କ୍ରମାଗତ ତୃତୀୟ ମ୍ୟାଚ୍ ଡ୍ର' ଖେଳି ଏହି ଅବିଶ୍ୱସନୀୟ ସଫଳତା ପାଇଛି। କେପ୍ ଭର୍ଡେ ପ୍ରଥମେ ପ୍ରତିପକ୍ଷ ସ୍ପେନ୍‌କୁ ୦-୦ ରେ ଅଟକାଇଥିଲା। ସେହିପରି ଉରୁଗୁଏ ବିପକ୍ଷ ମ୍ୟାଚ୍‌କୁ ୨-୨ ରେ ଡ୍ର' କରିବାରେ ସଫଳ ହୋଇଥିଲା। ଏତଦ୍‌ବ୍ୟତୀତ ଶୁକ୍ରବାର (୨୬ ଜୁନ୍, ୨୦୨୬) ରାତିରେ ସାଉଦିଆରବ ବିପକ୍ଷ ମ୍ୟାଚ୍ ୦-୦ ରେ ଡ୍ର' ରହିବା ପରେ ଦଳ ପରବର୍ତ୍ତୀ ରାଉଣ୍ଡ୍‌କୁ ଅର୍ଥାତ୍ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆଫ୍ରିକାର ପଶ୍ଚିମ ଉପକୂଳରେ ଅବସ୍ଥିତ ଏହି କ୍ଷୁଦ୍ର ଦ୍ୱୀପପୁଞ୍ଜ ଦେଶ ପ୍ରଥମ ଥର ପାଇଁ ଫୁଟବଲ୍‌ର ଏହି ମହାକୁମ୍ଭରେ ପଦାର୍ପଣ କରିଥିବା ବେଳେ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। କେପ୍ ଭର୍ଡେର କୋଚ୍ ବୁବିଷ୍ଟା କହିଛନ୍ତି, 'ଏହି ପର୍ଯ୍ୟାୟରେ ପହଞ୍ଚିଥିବାରୁ ଆମେ ଗର୍ବିତ; ଆମେ ଦେଖାଇ ଦେଇଛୁ ଯେ ଆମେ ଏକ ଛୋଟ ଦେଶ ହୋଇପାରୁ, କିନ୍ତୁ ଆମେ ଯାହା ହାସଲ କରିବାକୁ ଚାହୁଁ, ସେଥିପାଇଁ ଲଢ଼େଇ କରୁ।"

# ଦାଦନ ଆଖିରେ ସ୍ୱପ୍ନ



ମୃତ୍ୟୁ ପାଖରୁ ଉଧାର ସୂତ୍ରରେ
କେଇଦିନ କେଇରାତି
ବିବେକୀ ମଣିଷ ଦାଦନଟେ ପାଇଁ
ପାନ୍ଥଶାଳାରେ ପ୍ରତିଟି ମୁହୂର୍ତ୍ତ
ଅସହ୍ୟ ଲୁ' ର ତାତି ।
ସହୁଅଛି କେବେ ହାଡ଼ଭଙ୍ଗା ଶୀତ
କେବେ ବୈଶାଖର ଝାଞ୍ଜି
ଦୁର୍ଦ୍ଦିନ ଭିତରେ ଦରାଣ୍ଡି ଚାଲିଛି
ନିରାଶା ଅନ୍ଧାରେ ଅଣ୍ଡାଳି ହେଉଛି
ନାଟକର ମୁଳମଞ୍ଜି ।
ଦିନସାରା ଖଟେ ପଶୁଟିଏ ଭଳି
ତଥାପି ପୁରେନି ପେଟ
ଭୋକିଲା ପେଟରେ ପାଣି ପିଇ ଶୁଏ
ଭୋକର ଅନଳ କଳିଜା ଜଳାଏ
ସରେନି ସପନ ହାଟ ।
ବାପାମାଆ ପତ୍ନୀ ପୁଅଝିଅ ପୁଣି
ଭାଇ ଭଉଣୀଙ୍କ ଖୁସି
ଅସୀମ ସଂଗ୍ରାମ କରଇ ଦାଦନ
ମିଛେ ହସୁଥାଏ ଲୁଚେଇ ରୋଦନ
ଯାଉଥାଏ ହାଡ଼ ରସି ।
ପରିବାର ପାଇଁ ଘରଠାରୁ ଦୂରେ
ହେଉଅଛି ହୀନିମାନ
ମାଲିକ ଚାବୁକ ଦିଏ ନିର୍ଯାତନା
ମନଟାଣ କରି ସହଇ ତାଡ଼ନା
ମାଡ଼ଗାଳି ଅପମାନ ।
ହେଉ ସେ କ୍ଷତାକ୍ତ ହେଉ ସେ ଅସୁସ୍ଥ
କାହାକୁ କହିବ ଦୁଃଖ
ଦୁଃଖି ଯାଯାବର ଜନମ ମୂକ
ମନ ଖୋଲିଦେଲେ ହସିବେ ଲୋକ
ପିଏ ଲୁହ ଢକଢକ।
ଦହନ ଜ୍ୱଳନ ଅବା ଉତ୍ପୀଡ଼ନ
ଦୁଃଖ ତା'ର ସୀମାହୀନ
ଅନ୍ତରର ବ୍ୟଥା କଳିଜାର କୋହ
ଅକୁହା ବେଦନା ସହି ଅହରହ
ଦେଖେ ସୁଦିନ ସପନ।
ଆଖିରେ ଭରିଛି ଆଖିଏ ସପନ
ନୂଆ ଗୋଟେ ସକାଳର
ଛାତି ଅଗଣାରେ ଆଶା ଓ ବିଶ୍ୱାସ
ମିଳିବ ଆଶିଷ ଆନନ୍ଦ ଉଚ୍ଛ୍ୱାସ
ଜୀବନ ହେବ ମଧୁର।

**ଭାସ୍କର ବାରିକ**
ବାସୁଦେବପୁର, ଭଦ୍ରକ

# ଚାହାଣି



ପ୍ରୀତିପୂର୍ଣ୍ଣ ଚକାଆଖି ଯୋଡ଼ିକରେ
କି ଯାଦୁ ଅଛି କେଜାଣି
ନିମିଷକ ମଧ୍ୟେ ତାହା ସଭିଙ୍କୁ କରିପାରେ
ମୋହାବିଷ୍ଟ
ସେଇ ଚାହାଣି ସତେ କି
ପଲ୍ଲବିତ ପ୍ରେମର ଆଷାଢ଼ୀ ଉଭାସ
ରଙ୍ଗାଧରେ ଉକୁଟିଉଠିଥିବା ଦ୍ୱିତୀୟା ଜହ୍ନ
ପରି ଚେନାଏ ହସ
ପୋଛିନିଏ ଅୟୁତ ଯୁଗର କ୍ଳାନ୍ତି
ନଜିର ଅଛି
ସେଇ ଚାହାଣିର ଚମକରେ
ପାଷଣ୍ଡ ବି ପାଲଟିଯାଇଛି ପ୍ରେମୋନ୍ମତ୍ତ
ଚିରଦିନ ଲାଗି।

**ଗୋପୀନାଥ ଦାଶ**
ବ୍ରାହ୍ମଣକୁଶଡିହ, ଆଙ୍କୁଲାଚଟୀ, ଖୋର୍ଦ୍ଧା
ମୋ: ୮୦୧୮୮୮୧୪୧୧



# ଚଢ଼େଇ ଓ କୁମ୍ଭୀର

ଗୋଟିଏ ଦେଶରେ ପାଞ୍ଚଟି ଚଢ଼େଇ ଭଉଣୀ ଥିଲେ। ତାଙ୍କ ଭିତରୁ ଜଣେ ଭଉଣୀ କହିଲା - ଆରେ, ଚାଲ ସମସ୍ତେ ବଣକୁ ଯାଇ କୋଳି ଖାଇବା। ହଁ ଚାଲ କୋଳି ଖାଇବା, ଆଉ ବହୁତ ମଜା କରିବା। ପାଞ୍ଚ ଭଉଣୀ ବଣକୁ କୋଳି ଖାଇବାକୁ ଗଲେ। ବଣ ବାଟରେ ଗଲାବେଳକୁ ଗୋଟିଏ ନଦୀ ପଡ଼ିଲା। ସେହି ନଦୀରେ ଗୋଟିଏ କୁମ୍ଭୀର ଥିଲା। ସେଇ ନଦୀରେ ଚଢ଼େଇ ପାଞ୍ଚ ଭଉଣୀ ଡଙ୍ଗାରେ ଗଲେ। କୁମ୍ଭୀରଟି ଛକି ବସିଥିଲା। ଡଙ୍ଗାକୁ ଲାଞ୍ଜରେ ବାଡ଼େଇ ଚଢ଼େଇମାନଙ୍କୁ ଖାଇଦେଲା।

**ଶୁଭ୍ରଜିତ୍ ଦାଶ (ଚିକୁନ୍)**
୫ମ ଶ୍ରେଣୀ, ପି.ଏମ୍.ସି ପଞ୍ଚୁପଲ୍ଲୀ ସୋମନାଥ ଉଚ୍ଚ ବିଦ୍ୟାଳୟ, ଆଙ୍କୁଲାଚଟୀ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



## ସିନେମା ଆକାଶର ଅସ୍ତହୀନ ସୂର୍ଯ୍ୟ

# ଶାହାରୁଖ ଖାନ୍





ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ ଉପମହାଦ୍ୱୀପ ଅନେକ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସଙ୍କଟ ଦେଇ ଗତି କରିଛି। ଏହି ସମୟ ମଧ୍ୟରେ ଦେଶରେ ଅନେକ ସରକାର ବଦଳିଛନ୍ତି, ନୂଆ ନୂଆ ନୀତି ପ୍ରଣୟନ ହୋଇଛି, ପିଢ଼ିର ପରିବର୍ତ୍ତନ ଘଟିଛି ଏବଂ କ୍ରିକେଟ୍ ପଡ଼ିଆରେ ବିଶ୍ୱକପ୍ ବିଜୟର ମହାଉତ୍ସବ ମଧ୍ୟ ପାଳିତ ହୋଇଛି। କିନ୍ତୁ ଏସବୁ ସାମ୍ପ୍ରତିକ ଉତ୍ଥାନ-ପତନ ଏବଂ ଐତିହାସିକ ଘଟଣାବଳୀ ମଧ୍ୟରେ ଯଦି କେହି ଜଣେ ବ୍ୟକ୍ତି ସମଗ୍ର ଦେଶର ଭାବନା, ସ୍ୱପ୍ନ ଓ ଉନ୍ମାଦନାକୁ ଏକ ସୂତ୍ରରେ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି, ସେ ହେଉଛନ୍ତି ଭାରତୀୟ ସିନେମାର ସବୁଠାରୁ ଆକର୍ଷଣୀୟ ଓ ସ୍ଥାୟୀ ମହାନାୟକ ଶାହାରୁଖ ଖାନ। ପିଢ଼ି ପରେ ପିଢ଼ି ବଦଳିଯାଏ, ଦର୍ଶକଙ୍କ ରୁଚି ବଦଳିଯାଏ, ମାତ୍ର ସେହି ପରିବର୍ତ୍ତନର ସ୍ରୋତରେ ନିଜ ପ୍ରାସଙ୍ଗିକତାକୁ ବଜାୟ ରଖିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୁଏନାହିଁ। ଶାହାରୁଖ ହେଉଛନ୍ତି ସେହି ସ୍ୱଳ୍ପ ସଂଖ୍ୟକ କଳାକାରଙ୍କ ମଧ୍ୟରୁ ଜଣେ, ଯିଏ କେବଳ ସମୟ ସହିତ ତିଷ୍ଠି ରହିନାହାନ୍ତି, ବରଂ ବାରମ୍ବାର ନିଜକୁ ପୁନର୍ଜୀବିତ କରି ସଫଳତାର ଏକ ନୂଆ ଶୀର୍ଷ ସ୍ଥାପନ କରିଛନ୍ତି। ସେ କେବଳ ଜଣେ ଅଭିନେତା ନୁହନ୍ତି, ବରଂ ବିଶ୍ୱ ଦରବାରରେ ସେ ଭାରତୀୟ ସିନେମାର ସବୁଠାରୁ ବଡ଼ ପରିଚୟ। ଖଳନାୟକର ପ୍ରତିଶୋଧପ୍ରବଣ ଚରିତ୍ର ହେଉ, ରୋମାନ୍ସର ଚରମ ଅଭିବ୍ୟକ୍ତି ହେଉ କିମ୍ବା ଆଧୁନିକ ଯୁଗର ଦୁର୍ଦ୍ଦଷ ଆକ୍ସନ ହିରୋ, ପ୍ରତ୍ୟେକ ଭୂମିକାରେ ସେ ନିଜର ଅପ୍ରତିଦ୍ୱନ୍ଦ୍ୱୀ ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ତାଙ୍କର ସଂଳାପ କହିବାର ଅନନ୍ୟ ଶୈଳୀ, ଆଖିର ଚାହାଣୀ ଏବଂ ସ୍ୱାଭାବିକ ଅଭିନୟ ଆଜି ବି କୋଟି କୋଟି ଦର୍ଶକଙ୍କ ହୃଦୟକୁ ଆନ୍ଦୋଳିତ କରେ। ଚଳିତ ୨୦୨୬ ଜୁନ୍ ୨୫ ତାରିଖରେ ଏହି ମେଗାଷ୍ଟାର୍ ରୂପେଲି ପରଦାରେ ନିଜର ଗୌରବମୟ ୩୪ ବର୍ଷ ପୂରଣ କରିଛନ୍ତି। ତାଙ୍କର ଏହି ଦୀର୍ଘ ଯାତ୍ରା କେବଳ ବ୍ୟବସାୟିକ ସଫଳତାର ଏକ ପରିସଂଖ୍ୟାନ ନୁହେଁ, ବରଂ ଜଣେ ସାଧାରଣ ମଣିଷର ଅସାଧାରଣ ସଂକଳ୍ପ ଏବଂ ପ୍ରତିକୂଳ ପରିସ୍ଥିତିକୁ ନିଜ ସପକ୍ଷରେ ନେବାର ଏକ ଜୀବନ୍ତ ମହାକାବ୍ୟ।

୧୯୯୦ ଦଶକର ପ୍ରାରମ୍ଭିକ ସମୟକୁ ମନେ ପକାଇଲେ ଜଣାପଡ଼େ, ସେତେବେଳେ ହିନ୍ଦୀ ସିନେମା ଜଗତ କିଛି ନିର୍ଦ୍ଦିଷ୍ଟ ପରିବାର ଏବଂ ପୂର୍ବରୁ ପ୍ରତିଷ୍ଠିତ ତାରକାମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ସେହି ସମୟରେ ଏକ ସାଧାରଣ ବିଶ୍ୱାସ ଥିଲା ଯେ, ବଲିଉଡ୍‌ରେ ଜଣେ ମୁଖ୍ୟ ଅଭିନେତା ଭାବରେ ସଫଳତା ପାଇବାକୁ ହେଲେ କୌଣସି ବଡ଼ ଗଡ଼ଫାଦର କିମ୍ବା ଚଳଚ୍ଚିତ୍ର ପୃଷ୍ଠଭୂମିର ଆବଶ୍ୟକତା ରହିଛି। ଏହିପରି ଏକ ଜଟିଳ ପରିବେଶରେ ଦିଲ୍ଲୀରୁ ଆସିଥିବା ଜଣେ ସାଧାରଣ ଯୁବକ ମୁମ୍ବାଇ ମାଟିରେ ପାଦ ଥାପିଥିଲେ, ଯାହାଙ୍କ ପାଖରେ କୌଣସି ପାରିବାରିକ ସାହାରା ନଥିଲା, ଥିଲା କେବଳ ଆଖିଭରା ସ୍ୱପ୍ନ, ଥିଏଟରର ଗଭୀର ଅନୁଭବ ଏବଂ ଅଦମ୍ୟ ଆତ୍ମବିଶ୍ୱାସ। ଅତି ଅଳ୍ପ ବୟସରେ ନିଜ ପିତାମାତାଙ୍କୁ ହରାଇ ସାରିଥିବା ଏହି ଯୁବକ ଜଣକ ସମସ୍ତ ପାରିବାରିକ ବିପର୍ଯ୍ୟୟକୁ ପଛରେ ପକାଇ ଏକ ନୂଆ ଇତିହାସ ରଚନା କରିବାକୁ ବାହାରିଥିଲେ। ବଲିଉଡ୍‌ରେ କେହି ତାଙ୍କର ପଥପ୍ରଦର୍ଶକ ନଥିଲେ ମଧ୍ୟ ସେ ନିଜ ପ୍ରତିଭାକୁ ଏକମାତ୍ର ଅସ୍ତ୍ର କରି ଆଗକୁ ବଢ଼ିଥିଲେ। ତାଙ୍କର ଏହି ଭିନ୍ନ ସତ୍ତା ହିଁ ତାଙ୍କୁ ସମସାମୟିକ ଅନ୍ୟ ସମସ୍ତ ଅଭିନେତାଙ୍କଠାରୁ ପୃଥକ୍ କରିଥିଲା। ୧୯୯୨ ମସିହାରେ ମୁକ୍ତିଲାଭ କରିଥିବା ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଦିୱାନା' ପରଦାକୁ ଆସିବା ମାତ୍ରେ ଦର୍ଶକଙ୍କୁ ସ୍ତବ୍ଧ କରିଦେଇଥିଲା। ଏହି ଫିଲ୍ମ ମାଧ୍ୟମରେ ସେ କେବଳ ସିନେମା ଜଗତରେ ପ୍ରବେଶ କରିନଥିଲେ, ବରଂ ନିଜର ଚମତ୍କାର ଅଭିନୟ ବଳରେ ନିଜ ଭାଗ୍ୟର ଗତିପଥକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେତେବେଳେ ସେହି ସମୟର ଅନ୍ୟାନ୍ୟ ଯୁବ ଅଭିନେତାମାନେ ନିଜକୁ ଜଣେ ଚକୋଲେଟ୍ ହିରୋ କିମ୍ବା ରୋମାଣ୍ଟିକ ନାୟକ ଭାବରେ ପ୍ରତିଷ୍ଠିତ କରିବାକୁ ବ୍ୟାକୁଳ ଥିଲେ, ଶାହାରୁଖ ସେତେବେଳେ ଏପରି କିଛି ଚରିତ୍ର ଚୟନ କରିଥିଲେ ଯାହା କୌଣସି ମୁଖ୍ୟ ଅଭିନେତା କରିବାକୁ ସାହସ କରୁନଥିଲେ।

ସେ ସମୟର ପାରମ୍ପରିକ ଧାରାକୁ ଚ୍ୟାଲେଞ୍ଜ କରି ସେ 'ବାଜିଗର' ଚଳଚ୍ଚିତ୍ରରେ ଏକ ନିଷ୍ଠୁର ଖଳନାୟକର ଭୂମିକା ଗ୍ରହଣ କଲେ ଏବଂ ନିଜର ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଲେ। ଏହା ପରେ 'ଡର' ଚଳଚ୍ଚିତ୍ରରେ ଜଣେ ଏକତରଫା ପ୍ରେମରେ ପାଗଳ ଥିବା ଯୁବକର ନକାରାତ୍ମକ ଚରିତ୍ରକୁ ସେ ଯେଭଳି ଜୀବନ୍ତ କରିଥିଲେ, ତାହା ଭାରତୀୟ ସିନେମା ଇତିହାସରେ ବିରଳ। 'ଅଞ୍ଜାମ' ଚଳଚ୍ଚିତ୍ରରେ ମଧ୍ୟ ସେ ଜଣେ ମାନସିକ ସ୍ତରରେ ବିକୃତ ବ୍ୟକ୍ତିର ଚରିତ୍ରକୁ ଅତି ନିଖୁଣ ଭାବେ ଉପସ୍ଥାପନ କରିଥିଲେ। ଏହି ନକାରାତ୍ମକ ଭୂମିକାଗୁଡ଼ିକ ତାଙ୍କୁ ଚଳଚ୍ଚିତ୍ର ଜଗତରେ ସୀମିତ କରିବା ପରିବର୍ତ୍ତେ ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା ଏବଂ ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲା। ଏହି ଚଳଚ୍ଚିତ୍ରଗୁଡ଼ିକର ଅଭୁତପୂର୍ବ ସଫଳତା ପ୍ରମାଣିତ କରିଥିଲା ଯେ ଶାହାରୁଖ ହେଉଛନ୍ତି ଏପରି ଏକ କଳାକାର ଯିଏ ସିନେମାର ବନ୍ଧାଛନ୍ଦା ଷ୍ଟେରିଓଟାଇପ୍‌କୁ ଭାଙ୍ଗିବାକୁ କେବେ ପଛଘୁଞ୍ଚା ଦିଅନ୍ତି ନାହିଁ। ତେବେ ଖଳନାୟକ ଭୂମିକାରେ ନିଜର ଦୃପ୍ତ ପ୍ରତିଷ୍ଠା କରିବା ପରେ ତାଙ୍କ କ୍ୟାରିଅରରେ ଏକ ନୂଆ ମୋଡ଼ ଆସିଥିଲା, ଯାହା ତାଙ୍କୁ ବଲିଉଡର ସର୍ବକାଳୀନ ଶ୍ରେଷ୍ଠ ଆସନରେ ବସାଇଥିଲା। ୧୯୯୫ ମସିହାରେ ମୁକ୍ତିଲାଭ କରିଥିବା 'ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ' ଚଳଚ୍ଚିତ୍ର ଶାହାରୁଖଙ୍କ କ୍ୟାରିଅର ସହିତ ସମଗ୍ର ହିନ୍ଦୀ ସିନେମାର ଗତିପଥକୁ ବଦଳାଇ ଦେଇଥିଲା। ଏହି ଚଳଚ୍ଚିତ୍ରରେ 'ରାଜ' ଚରିତ୍ର ମାଧ୍ୟମରେ ସେ ଆଧୁନିକ ଭାରତୀୟ ପ୍ରେମର ଏକ ନୂଆ ପରିଭାଷା ସୃଷ୍ଟି କଲେ। ସେ ପାରମ୍ପରିକ ଆକ୍ସନ ହିରୋ ନଥିଲେ, ବରଂ ସେ ଥିଲେ ଏପରି ଏକ ପ୍ରେମିକ ଯିଏ ପରିବାରର ସମ୍ମତି ସହିତ ନିଜ ପ୍ରେମକୁ ପାଇବାକୁ ଚାହୁଁଥିଲା। ଏହି ଚରିତ୍ରଟି ତାଙ୍କୁ ପ୍ରତ୍ୟେକ ଯୁବତୀଙ୍କ ସ୍ୱପ୍ନର ନାୟକ ଏବଂ ପ୍ରତ୍ୟେକ ମାଆଙ୍କ ଆଦର୍ଶ ପୁଅ ଭାବରେ ପ୍ରତିଷ୍ଠିତ କରିଥିଲା, ଯାହା ଲକ୍ଷ ଲକ୍ଷ ମହିଳାଙ୍କ ହୃଦୟରେ ତାଙ୍କ ପାଇଁ ଏକ ସ୍ଥାୟୀ ସ୍ଥାନ ସୃଷ୍ଟି କରିଥିଲା। ଏହା ପରବର୍ତ୍ତୀ ଦଶନ୍ଧି ମଧ୍ୟରେ ସେ ଭାରତୀୟ ସିନେମାକୁ କିଛି ସବୁଠାରୁ ପ୍ରିୟ ଏବଂ ଚିରସ୍ମରଣୀୟ ରୋମାଣ୍ଟିକ ଚରିତ୍ର ଉପହାର ଦେଇଥିଲେ। 'କୁଛ କୁଛ ହୋତା ହୈ'ର ଚୁଲବୁଲି ରାହୁଲ, 'କଲ୍ ହୋ ନା ହୋ' ର ଜୀବନକୁ ଆନନ୍ଦରେ ବଞ୍ଚୁଥିବା ଅମନ, 'ବୀର-ଜାରା' ର ସୀମା ସରହଦ ସେପାରିର ପ୍ରେମିକ ବୀର ପ୍ରତାପ ସିଂ, କିମ୍ବା 'ମୋହବତେଁ'ର ସଙ୍ଗୀତ ଶିକ୍ଷକ ରାଜ ଆର୍ଯ୍ୟାନ – ଏହି ସମସ୍ତ ଚରିତ୍ର ମାଧ୍ୟମରେ ଶାହାରୁଖ ପ୍ରେମକୁ କେବଳ ଏକ ଅଭିନୟ ନୁହେଁ, ବରଂ ଏକ ଜୀବନ୍ତ ଭାବନାରେ ପରିଣତ କରିଥିଲେ। ତାଙ୍କର ଦୁଇ ହାତ ପ୍ରସାରିତ କରିବାର ସିଗ୍ନେଚର୍ ପୋଜ୍ ଏବଂ ଭାବପୂର୍ଣ୍ଣ ସଂଳାପ ଆଜି ବି ବିଶ୍ୱବ୍ୟାପୀ ପ୍ରେମର ପ୍ରତୀକ ପାଲଟିଛି। ଏହି ଅସାଧାରଣ କଳାତ୍ମକ ଦକ୍ଷତା ଯୋଗୁଁ ତାଙ୍କୁ ସାରା ବିଶ୍ୱରେ 'ରୋମାନ୍ସର ରାଜା' ବା 'କିଙ୍ଗ ଅଫ୍ ରୋମାନ୍ସ' ଆଖ୍ୟା ଦିଆଗଲା। କିନ୍ତୁ ଶାହାରୁଖ କେବଳ ରୋମାଣ୍ଟିକ ଚଳଚ୍ଚିତ୍ର ମଧ୍ୟରେ ନିଜକୁ ସୀମିତ ରଖିନଥିଲେ। ସେ ନିଜର ଅଭିନୟର ପରିସରକୁ ଆହୁରି ବ୍ୟାପକ କରି 'ସ୍ୱଦେଶ' ଚଳଚ୍ଚିତ୍ରରେ ନାସାର ଜଣେ ବୈଜ୍ଞାନିକ ମୋହନ ଭାର୍ଗବ ଏବଂ 'ଚକ୍ ଦେ ଇଣ୍ଡିଆ'ରେ ମହିଳା ହକି ଦଳର କୋଚ୍ କବୀର ଖାନଙ୍କ ଭୂମିକାରେ ଅଭିନୟ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ବିଶେଷ କରି 'ଚକ୍ ଦେ ଇଣ୍ଡିଆ' ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ଆଧୁନିକ ହିନ୍ଦୀ ଚଳଚ୍ଚିତ୍ରର ସବୁଠାରୁ ପ୍ରେରଣାଦାୟକ ଚରିତ୍ର ମଧ୍ୟରୁ ଗୋଟିଏ ହୋଇଗଲା, ଯେଉଁଠି ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ କୌଣସି ପାରମ୍ପରିକ ପ୍ରେମ କାହାଣୀ କିମ୍ବା ରଙ୍ଗୀନ ଗୀତର ଆବଶ୍ୟକତା ନଥିଲା; କେବଳ ତାଙ୍କ ଆଖିର ଦୃଢ଼ତା ଓ ଗମ୍ଭୀର ଅଭିନୟ ହିଁ ଯଥେଷ୍ଟ ଥିଲା। ସେହିପରି 'ମାଇ ନେମ୍ ଇଜ୍ ଖାନ' ଚଳଚ୍ଚିତ୍ରରେ ଆସପରଗର ସିଣ୍ଡ୍ରୋମ (ଅଟିଜିମ୍) ସହିତ ବଞ୍ଚୁଥିବା ରିଜୱାନ ଖାନଙ୍କ ଚରିତ୍ରକୁ ସେ ଯେଭଳି ସମ୍ବେଦନଶୀଳତାର ସହ ଫୁଟାଇଥିଲେ, ତାହା ତାଙ୍କୁ ଆନ୍ତର୍ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ କରାଇଥିଲା। ମାତ୍ର ପ୍ରତ୍ୟେକ ବଡ଼ ସଫଳତା ପଛରେ ଏକ ଅନ୍ଧକାର ସମୟ ମଧ୍ୟ ଆସିଥାଏ। ବର୍ଷ ବିତିବା ସହିତ ଚଳଚ୍ଚିତ୍ର ଶିଳ୍ପରେ ବ୍ୟାପକ ପରିବର୍ତ୍ତନ ଘଟିଲା, ଡିଜିଟାଲ୍ ଯୁଗର ଆରମ୍ଭ ହେଲା ଏବଂ ଦର୍ଶକଙ୍କ ପସନ୍ଦ ମଧ୍ୟ ବଦଳିବାକୁ ଲାଗିଲା। ଏହି ସମୟରେ ଶାହାରୁଖଙ୍କ କିଛି ପରୀକ୍ଷାମୂଳକ ଚଳଚ୍ଚିତ୍ର ଯେପରିକି 'ଫ୍ୟାନ୍', 'ଜବ୍ ହ୍ୟାରି ମେଟ୍ ସେଜଲ୍' ଏବଂ 'ଜିରୋ' ବ୍ୟବସାୟିକ ସଫଳତା ପାଇବାରେ ବିଫଳ ହେଲା। କ୍ରମାଗତ ବିଫଳତା ପରେ ସମାଲୋଚକମାନେ ତାଙ୍କ କ୍ୟାରିଅରର ସମାପ୍ତି ବିଷୟରେ ପ୍ରଶ୍ନ ଉଠାଇବା ଆରମ୍ଭ କଲେ। ଅନେକେ ଅନୁଭବ କଲେ ଯେ ଶାହାରୁଖ ଖାନଙ୍କ ସୁନେଲୀ ଯୁଗର ଅବସାନ ଘଟିଛି। କିନ୍ତୁ ଶାହାରୁଖ କୌଣସି ବିବାଦୀୟ ସ୍ପଷ୍ଟୀକରଣ ନଦେଇ ସମ୍ପୂର୍ଣ୍ଣ ନୀରବ ରହିଲେ। ସେ ପ୍ରାୟ ଚାରି ବର୍ଷ ପର୍ଯ୍ୟନ୍ତ ରୂପେଲି ପରଦାରୁ ଦୂରେଇ ରହି ଧୈର୍ଯ୍ୟର ସହ ଆତ୍ମନିରୀକ୍ଷଣ କଲେ ଏବଂ ନିଜକୁ ଶାରୀରିକ ଓ ମାନସିକ ସ୍ତରରେ ଏକ ବଡ଼ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ କଲେ। ଏହି ସମୟଟି ସମଗ୍ର ବଲିଉଡ ପାଇଁ ମଧ୍ୟ ଏକ କଠିନ ସମୟ ଥିଲା, ଯେତେବେଳେ କରୋନା ମହାମାରୀ ପରେ ସିନେମା ହଲଗୁଡ଼ିକ ଶୂନ୍ୟ ହୋଇପଡ଼ିଥିଲା। ଠିକ୍ ଏହି ସମୟରେ, ୨୦୨୩ ମସିହାରେ ସେହି ମହାନାୟକଙ୍କର ପୁନରୁତ୍ଥାନ ଘଟିଲା। ଶାହାରୁଖ 'ପଠାନ' ଚଳଚ୍ଚିତ୍ର ମାଧ୍ୟମରେ ଏକ ଭୟଙ୍କର ଆକ୍ସନ ଷ୍ଟାର ଭାବରେ ପରଦାକୁ ଫେରିଲେ। ଦଶନ୍ଧି ଧରି ଯେଉଁ ରୋମାଣ୍ଟିକ ନାୟକକୁ ଦର୍ଶକ ଦେଖିଥିଲେ, ସେ ଏବେ ଦେଶରକ୍ଷା ପାଇଁ ଲଢୁଥିବା ଜଣେ କମାଣ୍ଡୋ ରୂପରେ ସାମ୍ନାକୁ ଆସିଲେ। ଏହି ଫିଲ୍ମଟି ବିଶ୍ୱବ୍ୟାପୀ ଏକ ହଜାର କୋଟିରୁ ଅଧିକ ବ୍ୟବସାୟ କରି ସମସ୍ତ ରେକର୍ଡ ଭାଙ୍ଗିଦେଲା। ମହାମାରୀ ପରେ ଯେତେବେଳେ ଓଟିଟି ପ୍ଲାଟଫର୍ମ ଯୋଗୁଁ ଲୋକେ ହଲକୁ ଯିବା ଭୁଲିଯାଇଥିଲେ, ସେତେବେଳେ ଶାହାରୁଖ ଏକାକୀ ଦର୍ଶକଙ୍କୁ ପୁଣି ସିନେମା ହଲକୁ ଫେରାଇ ଆଣିଲେ। 'ପଠାନ' ଯଦି ତାଙ୍କର ପ୍ରତ୍ୟାବର୍ତ୍ତନର ପଥ ପ୍ରସ୍ତୁତ କରିଥିଲା, ତେବେ ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର 'ଜବାନ' ତାଙ୍କର ସେହି ସାମ୍ରାଜ୍ୟକୁ ଆହୁରି ସୁଦୃଢ଼ କରିଦେଲା। ସେ ପ୍ରମାଣ କଲେ ଯେ ବୟସ କେବଳ ଏକ ସଂଖ୍ୟା ମାତ୍ର, ଯଦି ସଂକଳ୍ପ ଦୃଢ଼ ଥାଏ ତେବେ କୌଣସି ପରିସ୍ଥିତି ରାଜାଙ୍କୁ ତାଙ୍କ ସିଂହାସନରୁ ଚ୍ୟୁତ କରିପାରିବ ନାହିଁ। ଶାହାରୁଖ ଖାନଙ୍କର ଏହି ୩୪ ବର୍ଷର ଯାତ୍ରା କେବଳ କିଛି ହିଟ୍ ଚଳଚ୍ଚିତ୍ର କିମ୍ବା ଭାଙ୍ଗିଥିବା ବକ୍ସ ଅଫିସ୍ ରେକର୍ଡ ମଧ୍ୟରେ ସୀମିତ ନୁହେଁ। ଅନେକ ଅଭିନେତା ଆସିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ବଡ଼ ସଫଳତା ପାଇବେ। କିନ୍ତୁ ସମୟ ସହିତ ନିଜକୁ ବଦଳାଇବାର, ନିଜର ଭୁଲ୍‌କୁ ଗ୍ରହଣ କରି ନୂଆ ରୂପରେ ଦର୍ଶକଙ୍କ ସାମ୍ନାକୁ ଆସିବାର ଯେଉଁ ଚମତ୍କାର କ୍ଷମତା ଶାହାରୁଖଙ୍କ ପାଖରେ ରହିଛି, ତାହା ହିଁ ତାଙ୍କୁ ପ୍ରକୃତ 'କିଙ୍ଗ୍ ଖାନ' କରାଏ। ସେ ଆଜି ବି ଅଟକି ନାହାନ୍ତି। ୨୦୨୬ ସେପ୍ଟେମ୍ବର ୨୪ ତାରିଖରେ ତାଙ୍କର ଆଗାମୀ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'କିଙ୍ଗ' ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ ହେଉଛି। ଏହି ଚଳଚ୍ଚିତ୍ରକୁ ନେଇ ଦର୍ଶକଙ୍କ ମଧ୍ୟରେ ଉନ୍ମାଦନା ଶୀର୍ଷରେ ରହିଛି। ଏହା ପୁଣି ଥରେ ପ୍ରମାଣିତ କରୁଛି ଯେ, ସିନେମାର ଧାରା ଯେତେ ବଦଳିଲେ ବି, ଭାରତୀୟ ସିନେମା ଜଗତରେ ଶାହାରୁଖ ଖାନଙ୍କ ଯୁଗ ଅପରିବର୍ତ୍ତିତ ଏବଂ ଅମର ହୋଇ ରହିବ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ